
रजिस्ट्री सं० डी० एल०—(एन)04/0007/2003—05

REGISTERED NO. DL—(N)04/0007/2003—05

भारत का राजपत्र

The Gazette of India

असाधारण

EXTRAORDINARY

भाग II — खण्ड 1

PART II — Section 1

प्राधिकार से प्रकाशित

PUBLISHED BY AUTHORITY

सं० 25] नई दिल्ली, मंगलवार, जून 21, 2005/ज्येष्ठ 31, 1927

No. 25] NEW DELHI, TUESDAY, JUNE 21, 2005/JYAISTHA 31, 1927

# ଭାରତର ଗେଜେଟ୍

ଅସାଧାରଣ

**ଖଣ୍ଡ - II , ଉପଖଣ୍ଡ - 1**

ପ୍ରାଧିକାର ସହିତ ପ୍ରକାଶିତ

---

**ସଂଖ୍ୟା- 251, ନୂଆଦିଲ୍ଲୀ, ମଙ୍ଗଳବାର, ଜୁନ୍ 21, 2005/ଜ୍ୟୈଷ୍ଠ 31, 1927**

---

## ଆଇନ୍ ଓ ନ୍ୟାୟ ମନ୍ତ୍ରଣାଳୟ

(ବିଧି-ପ୍ରସ୍ତୁତି ବିଭାଗ)

**ନୂଆଦିଲ୍ଲୀ, 21 ଜୁନ୍ 2005/ଜ୍ୟୈଷ୍ଠ 31, 1927 (ଶକ)**

ସଂସଦରେ ଗୃହୀତ ନିମ୍ନୋକ୍ତ ଆଇନ୍‌ଟି 15 ଜୁନ୍ 2005 ରେ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଛି ଏବଂ ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ପାଇଁ ପ୍ରକାଶ କରାଯାଉଛି -

# ସୂଚନା ଅଧିକାର ଆଇନ୍ –2005

**(କ୍ରମାଙ୍କ 22, 2005)**

15 ଜୁନ୍ 2005

*ପ୍ରତ୍ୟେକ ଜନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟପ୍ରକ୍ରିୟାରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବୃଦ୍ଧି ଘଟାଇବା ଉଦ୍ଦେଶ୍ୟରେ ସେମାନଙ୍କ ନିୟନ୍ତ୍ରଣରେ ଥିବା ସୂଚନାକୁ ସମସ୍ତ ନାଗରିକମାନେ ଜାଣିବାର ଅଧିକାରକୁ ସୁନିଶ୍ଚିତ କରିପାରୁଥିବା ଏକ ବାସ୍ତବ ସାଂଗଠନିକ ବ୍ୟବସ୍ଥାକୁ ରୂପ ଦେବା, ଏକ କେନ୍ଦ୍ରୀୟ ସୂଚନା କମିଶନ୍ ଓ ରାଜ୍ୟମାନଙ୍କରେ ସୂଚନା କମିଶନ୍ ଗଠନ କରିବା ତଥା ଏସବୁ ସଂକ୍ରାନ୍ତ ବ୍ୟାପାରଗୁଡ଼ିକର ପ୍ରୟୋଜନକୁ ମେଣ୍ଟାଇବା ପାଇଁ ଏହି ଆଇନ୍‌ଟି ଉଦ୍ଦିଷ୍ଟ ।*

*ଯେହେତୁ ସମ୍ବିଧାନ ଏକ ଗଣତାନ୍ତ୍ରିକ ପ୍ରଜାତନ୍ତ୍ରକୁ ପ୍ରତିଷ୍ଠା କରିଛି;*

*ଏବଂ ଯେହେତୁ ଗଣତନ୍ତ୍ର ଏକ ସଚେତନ ନାଗରିକ ସମାଜ ଓ ସୂଚନାର ସ୍ୱଚ୍ଛତା ଆବଶ୍ୟକ କରେ, ଯାହାକି ଗଣତନ୍ତ୍ରର କ୍ରିୟାଶୀଳତା ପାଇଁ ଏବଂ ପୁଣି ମଧ୍ୟ ଦୁର୍ନୀତିର ପ୍ରତିରୋଧ ପାଇଁ ତଥା ସରକାରସମୂହ ଏବଂ ସରକାର-ପରିଚାଳିତ ସମସ୍ତ ସଂସ୍ଥାଗୁଡ଼ିକୁ ଶାସିତ ଜନଗଣଙ୍କ ନିକଟରେ ଉତ୍ତରଦାୟୀ ରଖିବା ପାଇଁ ଜରୁରୀ ;*

*ଏବଂ ଯେହେତୁ ସୂଚନାର ପ୍ରକଟନ ଫଳରେ ବାସ୍ତବକ୍ଷେତ୍ରରେ ଶାସନକାର୍ଯ୍ୟର ସୁଦକ୍ଷ ପରିଚାଳନା, ସୀମିତ ବିତ୍ତୀୟ ସମ୍ବଳର ସର୍ବୋତ୍ତମ ଉପଯୋଗ ଏବଂ ସଂଗୀନ-କିସମ ସୂଚନାର ସଂଗୋପନୀୟତା ରକ୍ଷା ସମେତ ଅନ୍ୟ କେତେକ ଜନସ୍ୱାର୍ଥ  ବାଧାଗ୍ରସ୍ତ ହେବାର ଆଶଙ୍କା ରହିଛି;*

*ଏବଂ ଯେହେତୁ ଗଣତାନ୍ତ୍ରିକ ମତାଦର୍ଶର ସର୍ବଶ୍ରେଷ୍ଠତ୍ୱକୁ ସୁରକ୍ଷିତ ରଖି ଉକ୍ତ ଦ୍ୱନ୍ଦ୍ୱାତ୍ମକ ସ୍ୱାର୍ଥଗୁଡ଼ିକ ଭିତରେ ଏକ ତାଳମେଳ ଆଣିବା ଆବଶ୍ୟକ ହେଉଛି,*

*ତେଣୁ ବର୍ତ୍ତମାନ ସୂଚନା ପାଇବାକୁ ଆଗ୍ରହୀ ନାଗରିକମାନଙ୍କୁ କେତେକ ସୂଚନା ଯୋଗାଇ ଦେବା ଜରୁରୀ ମନେହେବାରୁ, ଭାରତୀୟ ପ୍ରଜାତନ୍ତ୍ରର 56 ତମ ବର୍ଷରେ ନିମ୍ନମତେ ଏହି ଆଇନ୍‌ଟି ପ୍ରଣୟନ କରାଯାଉଛି ।*

## ଅଧ୍ୟାୟ-1: ପ୍ରାରମ୍ଭିକ

**1. ସଂକ୍ଷିପ୍ତ ଶିରୋନାମା, ପରିସର ଏବଂ ପ୍ରାରମ୍ଭ -**

(1) ଏହି ଆଇନ୍‌କୁ ସୂଚନାର ଅଧିକାର ଆଇନ୍-୨୦୦୫ ବୋଲି କୁହାଯାଇପାରେ ।

(2) ଜାମ୍ମୁ ଓ କାଶ୍ମୀର ରାଜ୍ୟକୁ ବାଦ୍ ଦେଇ ଏହା ସମଗ୍ର ଭାରତ ପ୍ରତି ଲାଗୁ ହେବ ।

(3) ଧାରା 4 ଅନ୍ତର୍ଗତ ଉପଧାରା(1), ଧାରା 5 ଅନ୍ତର୍ଗତ ଉପଧାରା (1) ଓ (2), ତଥା ଧାରା 12, 13, 15, 16, 24, 27 ଓ 28 ସଙ୍ଗେସଙ୍ଗେ ବଳବତ୍ତର ହେବ, ଏବଂ ଆଇନ୍‌ର ଅବଶିଷ୍ଟ ପ୍ରାବ୍‌ଧାନଗୁଡ଼ିକ ଆଇନ୍ ଲାଗୁ ହେବାର 120ତମ ଦିବସରେ ବଳବତ୍ତରହେବ ।

**2. ସଂଜ୍ଞାମାନ-**

ପରିପ୍ରେକ୍ଷୀ ଭିନ୍ନାର୍ଥ ଆବଶ୍ୟକ କରୁନଥିଲେ, ଏହି ଆଇନ୍‌ରେ –

(a) ଏକ ଜନ କର୍ତ୍ତୃପକ୍ଷ ପରିପ୍ରେକ୍ଷୀରେ **'ସମୁଚିତ ସରକାର'** କହିଲେ, କର୍ତ୍ତୃପକ୍ଷଟି, ଯଦି ପ୍ରତିଷ୍ଠିତ, ଗଠିତ, ମାଲିକାନାଧୀନ, ନିୟନ୍ତ୍ରିତ ବା ପ୍ରତ୍ୟକ୍ଷ ବା ପରୋକ୍ଷରେ କୌଣସି ଉଦ୍ଦେଶ୍ୟରେ ଅର୍ଥପୁଷ୍ଟ ହୋଇଥିବ –

(i) କେନ୍ଦ୍ର ସରକାର ବା କେନ୍ଦ୍ରାଞ୍ଚଳ ପ୍ରଶାସନଙ୍କ ଦ୍ୱାରା, ତେବେ କେନ୍ଦ୍ର ସରକାର ;

(ii) ରାଜ୍ୟ ସରକାରଙ୍କ ଦ୍ୱାରା, ତେବେ ରାଜ୍ୟ ସରକାର;

(b) **'କେନ୍ଦ୍ରୀୟ ସୂଚନା କମିଶନ୍'** କହିଲେ ଧାରା 12 (1) ଅନୁଯାୟୀ ଗଠିତ କେନ୍ଦ୍ରୀୟ ସୂଚନା କମିଶନ୍;

(c) **'କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ'** କହିଲେ ଧାରା 5ର ଉପଧାରା (1) ଅନୁଯାୟୀ ପଦନାମିତ ହୋଇଥିବା ଅଧିକାରୀ, ଏବଂ ଏହି ସଂଜ୍ଞା ଭିତରେ ଉପଧାରା (2) ଅନୁଯାୟୀ ସହକାରୀ କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ ମଧ୍ୟ ଅନ୍ତର୍ଭୁକ୍ତ ହେବ ;

(d) **'ମୁଖ୍ୟ ସୂଚନା କମିଶନର୍'** ଏବଂ **'ସୂଚନା କମିଶନର୍'** କହିଲେ ଧାରା 12 (3) ଅନୁଯାୟୀ ନିଯୁକ୍ତ ହୋଇଥିବା ମୁଖ୍ୟ ସୂଚନା କମିଶନର୍ ଏବଂ ସୂଚନା କମିଶନର;

(e) **'କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ'** କହିଲେ,

(i) ଲୋକସଭା, ବିଧାନସଭା ବା ଯଦି ଏକ କେନ୍ଦ୍ରାଞ୍ଚଳର ଅନୁରୂପ ସଭା ଥାଏ, ତେବେ ତାକୁ ମିଶାଇ ସେ ସମସ୍ତ କ୍ଷେତ୍ରରେ ସେମାନଙ୍କର ବାଚସ୍ପତି, ତଥା ରାଜ୍ୟସଭା ବା ଏକ ରାଜ୍ୟର ବିଧାନ ପରିଷଦ କ୍ଷେତ୍ରରେ ତହିଁର ଅଧ୍ୟକ୍ଷଙ୍କୁ ବୁଝାଇବ;

(ii) ସୁପ୍ରିମ୍ କୋର୍ଟ କ୍ଷେତ୍ରରେ ଭାରତର ମୁଖ୍ୟ ନ୍ୟାୟାଧୀଶଙ୍କୁ ବୁଝାଇବ;

(iii) ହାଇକୋର୍ଟ କ୍ଷେତ୍ରରେ ହାଇକୋର୍ଟର ମୁଖ୍ୟ ନ୍ୟାୟାଧୀଶଙ୍କୁ ବୁଝାଇବ;

(iv) ସମ୍ବିଧାନ-କର୍ତ୍ତୃକ ଏବଂ ସମ୍ବିଧାନ ଅଧୀନରେ ପ୍ରତିଷ୍ଠିତ ଓ ଗଠିତ ଅନ୍ୟସବୁ କର୍ତ୍ତୃପକ୍ଷଙ୍କ କ୍ଷେତ୍ରରେ ସ୍ଥଳଭିତ୍ତିରେ ରାଷ୍ଟ୍ରପତି ବା ରାଜ୍ୟପାଳଙ୍କୁ ବୁଝାଯିବ ।

(v) ସମ୍ବିଧାନର ଧାରା 239 ଅଧୀନରେ ନିଯୁକ୍ତ ପ୍ରଶାସକଙ୍କୁ ବୁଝାଯିବ ।

(f) **'ସୂଚନା'** କହିଲେ ଯେ କୌଣସି ପ୍ରକାରର ସାମଗ୍ରୀ, ଯହିଁର ସଂଜ୍ଞା ଭିତରେ ରେକର୍ଡ, ଡକୁମେଣ୍ଟ, ମେମୋ, ଇମେଲ୍, ମତାମତ, ପରାମର୍ଶ, ପ୍ରେସ୍ ବିବୃତ୍ତି, ପରିପତ୍ର (ସର୍କୁଲାର୍), ଅର୍ଡର, ଲଗ୍‌ବୁକ୍, ଚୁକ୍ତିନାମା, ବିବରଣୀ (ରିପୋର୍ଟ), କାଗଜପତ୍ର, ନମୂନା (ସାମ୍ପଲ), ଢାଞ୍ଚା(ମଡେଲ୍), ଇଲେକ୍ଟ୍ରନିକ୍ ମାଧ୍ୟମରେ ଉପଲବ୍ଧ ତଥ୍ୟରାଜି, ଏବଂ କୌଣସି ଘରୋଇ ସଂସ୍ଥା ସଂବନ୍ଧୀୟ ସୂଚନା, ଯାହାକୁ ସଂପ୍ରତି ବଳବତ୍ତର ଥିବା କୌଣସି ଆଇନ୍ ବଳରେ ଜନକର୍ତ୍ତୃପକ୍ଷଙ୍କ ଦ୍ୱାରା ହାସଲ କରାଯାଇପାରେ;

(g) **'ବିହିତ'** କହିଲେ ଏହି ଆଇନ୍ ଅଧୀନରେ ପ୍ରସ୍ତୁତ ନିୟମାବଳୀ ଅନୁଯାୟୀ ଯଥାସ୍ଥିତି ସମୁଚିତ ସରକାର ବା କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିହିତ କରାଯାଇଥିବା;

(h) **'ଜନ କର୍ତ୍ତୃପକ୍ଷ'** କହିଲେ ଯେ କୌଣସି କର୍ତ୍ତୃପକ୍ଷ, ସଂଗଠନ ବା ସ୍ୱାୟତ୍ତ-ଶାସନ ସଂସ୍ଥା, ଯାହାକି ପ୍ରତିଷ୍ଠିତ ବା ଗଠିତ ହୋଇଥିବ-

(a) ସମ୍ବିଧାନ ଦ୍ୱାରା ବା ସମ୍ବିଧାନ ଅଧୀନରେ;

(b) ସଂସଦ ଦ୍ୱାରା ପ୍ରଣୀତ ଅନ୍ୟ କୌଣସି ଆଇନ୍ ବଳରେ;

(c) ଏକ ରାଜ୍ୟର ଆଇନ୍‌ସଭା ଦ୍ୱାରା ପ୍ରଣୀତ ଅନ୍ୟ କୌଣସି ଆଇନ୍ ବଳରେ;

(d) ସଂପୃକ୍ତ ସରକାରଙ୍କ ବିଜ୍ଞପ୍ତି ବା ଆଦେଶ ବଳରେ ;

ଏବଂ ଏହି ସଂଜ୍ଞା ଭିତରେ ଅନ୍ତର୍ଭୁକ୍ତ ହେବ, ଯେ କୌଣସି –

(i) ସଂଗଠନ, ଯାହାକି ସମୁଚିତ ସରକାରଙ୍କ ଦ୍ୱାରା ମାଲିକାନାଧୀନ, ନିୟନ୍ତ୍ରିତ ଓ କୌଣସି ଉଦ୍ଦେଶ୍ୟରେ ଅର୍ଥପୁଷ୍ଟ ହୋଇଥିବ ;

(ii) ବେସରକାରୀ ସଂଗଠନ, ଯାହାକି ସମୁଚିତ ସରକାରଙ୍କ ଦ୍ୱାରା କୌଣସି ଉଦ୍ଦେଶ୍ୟରେ ପ୍ରତ୍ୟେକ୍ଷ ବା ପରୋକ୍ଷରେ ପ୍ରଦତ୍ତ ପାଣ୍ଠି ଦ୍ୱାରା ଅର୍ଥପୁଷ୍ଟ ହୋଇଥିବ ;

(i) **'ରେକର୍ଡ'** ର ସଂଜ୍ଞା ଭିତରେ ଅନ୍ତର୍ଭୁକ୍ତ ହେବ-

(a) ଯେ କୌଣସି ଡକୁମେଣ୍ଟ(ଦଲିଲ୍), ପାଣ୍ଡୁଲିପି ବା ଫାଇଲ୍ ;

(b) ଯେ କୌଣସି ଡକୁମେଣ୍ଟର ମାଇକ୍ରୋଫିଲ୍ମ, ମାଇକ୍ରୋଫିସ୍ ବା ଜେରକ୍ସ ନକଲ ;

(c) ମାଇକ୍ରୋଫିଲ୍ମରେ ଥିବା କୌଣସି ପ୍ରତିଛବି ବା ପ୍ରତିଛବିଗୁଡିକର ବର୍ଦ୍ଧିତ ବା ଅନୁରୂପ ନକଲ; ଏବଂ

(d) କମ୍ପ୍ୟୁଟର୍ ବା ଅନ୍ୟ କୌଣସି ଯାନ୍ତ୍ରିକ କୌଶଳରେ ପ୍ରସ୍ତୁତ ସାମଗ୍ରୀ;

(j) **'ସୂଚନାର ଅଧିକାର'** କହିଲେ ଯେ କୌଣସି ଜନ କର୍ତ୍ତୃପକ୍ଷଙ୍କ ଅଧୀନରେ ବା ନିୟନ୍ତ୍ରଣରେ ଥିବା ସୂଚନାକୁ ଜାଣିବାର ଅଧିକାର, ଏବଂ ଏହି ଅଧିକାର ଭିତରେ ନିମ୍ନୋକ୍ତ ଅଧିକାରମାନ ଅନ୍ତର୍ଭୁକ୍ତ-

(i) କୌଣସି କାର୍ଯ୍ୟ, ଡକୁମେଣ୍ଟ ଓ ରେକର୍ଡକୁ ନିରୀକ୍ଷଣ ( ଇନ୍‌ସ୍ପେକ୍‌ସନ୍ ) କରିବା;

(ii) ଡକୁମେଣ୍ଟ ବା ରେକର୍ଡଗୁଡିକରୁ ନୋଟ୍, ଖଣ୍ଡିତାଂଶ ବା ପ୍ରମାଣୀକୃତ ନକଲ ସଂଗ୍ରହ କରିବା;

(iii) କୋଣସି ସାମଗ୍ରୀର ପ୍ରମାଣୀକୃତ ନମୂନା ସଂଗ୍ରହ କରିବା;

(iv) ଯେଉଁଠି ସଂଶ୍ଳିଷ୍ଟ ସୂଚନା କମ୍ପ୍ୟୁଟର୍ ବା ଅନ୍ୟ କୌଣସି ଯନ୍ତ୍ରକୌଶଳରେ ସଂଚିତ ଥିବ, ସେପରି ସ୍ଥଳେ ଡିସ୍କ, ଫ୍ଲପି, ଟେପ୍, ଭିଡିଓ କ୍ୟାସେଟ୍ ବା ଅନ୍ୟକୌଣସି ଇଲେକ୍ଟ୍ରନିକ୍ ମାଧ୍ୟମରେ ଅଥବା ଛପାକ୍ଷରରେ ସେହି ସୂଚନାକୁ ହାସଲ କରିବା;

(k) **'ରାଜ୍ୟ ସୂଚନା କମିଶନ୍'** କହିଲେ ଧାରା 15 (1) ଅନୁଯାୟୀ ଗଠିତ ରାଜ୍ୟ ସୂଚନା କମିଶନ୍;

(l) **'ମୁଖ୍ୟ ରାଜ୍ୟ ସୂଚନା କମିଶନର୍'** ଏବଂ **'ରାଜ୍ୟ ସୂଚନା କମିଶନର୍'** କହିଲେ ଧାରା 15 (3) ଅନୁଯାୟୀ ନିଯୁକ୍ତ ମୁଖ୍ୟ ରାଜ୍ୟ ସୂଚନା କମିଶନର୍ ଓ ରାଜ୍ୟ ସୂଚନା କମିଶନର୍

(m) **'ରାଜ୍ୟ ଜନ ସୂଚନା ଅଧିକାରୀ'** କହିଲେ ଧାରା 5(1) ଅନୁଯାୟୀ ରାଜ୍ୟ ଜନ ସୂଚନା ଅଧିକାରୀଙ୍କୁ ବୁଝାଇବ, ତଥା ଏହି ସଂଜ୍ଞା ଭିତରେ ଧାରା 5(2)ରେ ବର୍ଣ୍ଣିତ ସହକାରୀ ରାଜ୍ୟ ଜନ ସୂଚନା ଅଧିକାରୀ ମଧ୍ୟ ଅନ୍ତର୍ଭୁକ୍ତ ହେବ ;

(n) **'ତୃତୀୟ ପକ୍ଷ'** କହିଲେ ସୂଚନା ପାଇଁ ଆବେଦନ କରୁଥିବା ବ୍ୟକ୍ତିଙ୍କ ଭିନ୍ନ ଅନ୍ୟଜଣେ ବ୍ୟକ୍ତି, ଏବଂ ଏହି ସଂଜ୍ଞା ଭିତରେ ଗୋଟିଏ ଜନ କର୍ତ୍ତୃପକ୍ଷ ମଧ୍ୟ ଅନ୍ତର୍ଭୁକ୍ତ ।

## ଅଧ୍ୟାୟ- 2: ସୂଚନାର ଅଧିକାର ଓ ଜନ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ

3. ସୂଚନାର ଅଧିକାର-

ଏହି ଆଇନ୍‌ର ପ୍ରାବ୍ଧାନମାନ ଅଧୀନରେ ରହି ପ୍ରତି ନାଗରିକଙ୍କର ସୂଚନା ପାଇବାର ଅଧିକାର ରହିଛି ।

4. ଜନ କର୍ତ୍ତୃପକ୍ଷଙ୍କ ଅବଶ୍ୟ-ପାଳନୀୟ କର୍ତ୍ତବ୍ୟ-

(1) ପ୍ରତି ଜନ କର୍ତ୍ତୃପକ୍ଷ –

(a) ନିଜ ପାଖରେ ଥିବା ସମସ୍ତ ଅଭିଲେଖ(ରେକର୍ଡ)କୁ ଏଭଳି ପଦ୍ଧତି ଓ ଢଙ୍ଗରେ ତାଲିକାଭୁକ୍ତ ଓ ସୂଚୀବଦ୍ଧ କରି ଅନୁରକ୍ଷଣ କରିବେ ଯଦ୍ୱାରା ଏହି ଆଇନ୍ ଅଧୀନସ୍ଥ ସୂଚନାର ଅଧିକାର ସହଜସାଧ୍ୟ ହୋଇପାରିବ; ଯେଉଁ ସମସ୍ତ ସୂଚନାଗୁଡିକୁ କମ୍ପୁଟରୀକରଣ କରିବା ସମୁଚିତ, ସେଗୁଡିକୁ ଯଥୋଚିତ ସମୟ ମଧ୍ୟରେ ଏବଂ ଉପଲବ୍ଧ ସମ୍ବଳ ଭିତରେ କମ୍ପୁଟରୀକରଣ କରିବେ ଏବଂ ସେସବୁକୁ ବିଭିନ୍ନ ପ୍ରଣାଳୀ (ସିଷ୍ଟମ) ଜରିଆରେ ଦେଶବ୍ୟାପୀ ଗୋଟିଏ ନେଟ୍‌ୱ୍ୟାର୍କ ସହିତ ଯୋଡିବେ, ଯାହାଫଳରେ ସେହି ସମସ୍ତ ରେକର୍ଡଗୁଡିକ ସମ୍ବନ୍ଧରେ ସୂଚନା ହାସଲ ସହଜସାଧ୍ୟ ହୋଇପାରିବ;

(b) ଏହି ଆଇନ୍ ଲାଗୁ ହେବାର ୧୨୦ ଦିନ ମଧ୍ୟରେ ପ୍ରକାଶନ କରିବେ -

(i) ନିଜନିଜ ସଂସ୍ଥାର ସଂଗଠନ-ସଂପର୍କୀତ ସବିଶେଷ ତଥ୍ୟାବଳୀ, କାର୍ଯ୍ୟାବଳୀ ଓ ଦାୟିତ୍ୱସମୂହ;

(ii) ଏହାର ପ୍ରତି ଅଧିକାରୀ ଓ କର୍ମଚାରୀଙ୍କ କ୍ଷମତାବଳୀ ଓ ଦାୟିତ୍ୱସମୂହ ;

(iii) ସଂସ୍ଥା ଭିତରେ କାର୍ଯ୍ୟ-ତଦାରଖ ଓ ଉତ୍ତରଦାୟିତ୍ୱର ପ୍ରଣାଳୀ ସମେତ ନିଷ୍ପତ୍ତି-ଗ୍ରହଣ ପ୍ରକ୍ରିୟାରେ ଅନୁସୃତ ହେଉଥିବା କାର୍ଯ୍ୟପଦ୍ଧତି ;

(iv) ନିଜ କାର୍ଯ୍ୟାବଳୀର ସମ୍ପାଦନ ପାଇଁ ଧାର୍ଯ୍ୟ ହୋଇଥିବା ମାନଦଣ୍ଡସମୂହ,

(v) ସଂସ୍ଥା ଅଧୀନରେ ବା ନିୟନ୍ତ୍ରଣରେ ଥିବା ଅଥବା ଏହାର କର୍ମଚାରୀମାନେ ନିଜର କାର୍ଯ୍ୟ-ସମ୍ପାଦନ ପାଇଁ ବ୍ୟବହାର କରୁଥିବା ସମସ୍ତ ନିୟମାବଳୀ (ରୁଲ୍), ବିନିୟମ (ରେଗୁଲେସନ୍), ନିର୍ଦ୍ଦେଶାବଳୀ, ପ୍ରୟୋଗବିଧି (ମାନୁଆଲ୍), ବା ଅଭିଲେଖ (ରେକର୍ଡ ) ;

(vi) ସଂସ୍ଥା ଅଧୀନରେ ବା ନିୟନ୍ତ୍ରଣରେ ଥିବା ସୂଚନା-ସମୂହର ପ୍ରକାରଭେଦ ;

(vii) ନିଜର ନୀତି(ପଲିସି) ନିର୍ଦ୍ଧାରଣ ବା ନିର୍ଦ୍ଧାରିତ ନୀତିର କାର୍ଯ୍ୟାନ୍ୱୟନ ସମ୍ବନ୍ଧରେ ସର୍ବସାଧାରଣଙ୍କ ସହ ପରାମର୍ଶ କରିବା ବା ସେମାନଙ୍କର ଆପତ୍ତିଓଜର ଶୁଣିବା ପାଇଁ ରହିଥିବା ବ୍ୟବସ୍ଥାଗୁଡିକ ଉପରେ ସବିଶେଷ ସୂଚନା ;

(viii) ସଂସ୍ଥାର ଅଙ୍ଗବିଶେଷ ରୂପେ ବା ପରାମର୍ଶଦାତା ରୂପେ ଦୁଇ ବା ତତୋଧିକ ସଭ୍ୟଙ୍କୁ ନେଇ ଗଠିତ ହୋଇଥିବା ବୋର୍ଡ, କାଉନ୍ସିଲ୍, କମିଟି ବା ଅନ୍ୟ କୌଣସି ଉପସଂସ୍ଥା, ତଥା ଏହିସବୁ ବୋର୍ଡ, କାଉନ୍ସିଲ୍, କମିଟି ବା ଅନ୍ୟାନ୍ୟ ଉପସଂସ୍ଥାମାନଙ୍କର ବୈଠକ ସର୍ବସାଧାରଣଙ୍କ ଯୋଗଦାନ ପାଇଁ ମୁକ୍ତ କି ନା, ଏବଂ ସଂପୃକ୍ତ ବୈଠକଗୁଡିକର ବିବରଣୀ ସର୍ବସାଧାରଣଙ୍କୁ ଜଣାଯାଇ ପାରିବ କି ନା, ସେ ସମ୍ବନ୍ଧରେ ଏକ ବିବୃତ୍ତି ;

(ix) ସଂସ୍ଥାର ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କ ସମ୍ବନ୍ଧରେ ସୂଚନା-ପୁସ୍ତିକା,

(x) ସଂସ୍ଥାର ବିନିୟମ(ରେଗୁଲେସନ୍)ଗୁଡିକରେ ବିନିର୍ଦ୍ଦିଷ୍ଟ ହୋଇଥିବା ସଂସ୍ଥାର ପ୍ରତି ଅଧିକାରୀ ଓ କର୍ମଚାରୀଙ୍କ ଭତ୍ତା-ଜାତୀୟ ପ୍ରାପ୍ୟ ସମେତ ପ୍ରତ୍ୟେକଙ୍କର ମାସିକ ଦରମା ;

(xi) ନିଜ ଅଧୀନରେ ଥିବା ପ୍ରତି ଉପସଂସ୍ଥା (ଏଜେନ୍ସି) ପାଇଁ ଉଦ୍ଦିଷ୍ଟ ବଜେଟ୍, ଯେଉଁଥିରେ ସଂପୃକ୍ତ ଉପସଂସ୍ଥାର ପ୍ରତି କର୍ମଯୋଜନା, ପ୍ରତି କର୍ମଯୋଜନା ପାଇଁ ବ୍ୟୟବରାଦ, ଏବଂ ବିତରିତ ଅର୍ଥରାଶିର ବିବରଣୀ ;

(xii) ପ୍ରତି କାର୍ଯ୍ୟକ୍ରମ ପିଛା ଅର୍ଥବରାଦ ଏବଂ ହିତାଧିକାରୀମାନଙ୍କ ସମ୍ବନ୍ଧରେ ସବିଶେଷ ସୂଚନା ସମେତ ସହାୟତା (ସବ୍‌ସିଡି) କାର୍ଯ୍ୟକ୍ରମଗୁଡିକର କ୍ରିୟାନ୍ୱୟନ ପଦ୍ଧତି ;

(xiii) ସଂସ୍ଥା ତରଫରୁ ମଞ୍ଜୁରି ହୋଇଥିବା ବିଭିନ୍ନ ପ୍ରକାର ରିହାତି, ପରମିଟ୍ ଓ ପ୍ରାଧିକରଣ (ଅଥରାଇଜେସନ୍) କାହାକୁ ପ୍ରଦାନ କରାଯାଇଛି, ସେ ସମ୍ବନ୍ଧରେ ସବିଶେଷ ସୂଚନା ;

(xiv) ସଂସ୍ଥାକୁ ମିଳିଥିବା ବା ସଂସ୍ଥାର ନିୟନ୍ତ୍ରଣରେ ଥିବା ସେହିସବୁ ସୂଚନା ସମ୍ବନ୍ଧରେ ସବିଶେଷ ସୂଚନା, ଯେଉଁଗୁଡିକ ଇଲେକ୍‌ଟ୍ରନିକ୍ ମାଧ୍ୟମରେ ଉପଲବ୍ଧ ;

(xv) ସର୍ବସାଧାରଣଙ୍କ ବ୍ୟବହାର ପାଇଁ ସଂସ୍ଥା ଅଧୀନରେ ଯଦି କୌଣସି ପାଠାଗାର କିମ୍ବା ଅଧ୍ୟୟନ-କେନ୍ଦ୍ର ଅନୁରକ୍ଷିତ ହେଉଥାଏ, ତେବେ ତହିଁର କାର୍ଯ୍ୟନିର୍ଘଣ୍ଟ ସମେତ ପ୍ରତି ସଂସ୍ଥାରୁ ନାଗରିକମାନେ ସୂଚନା ହାସଲ କରିପାରିବା ପାଇଁ ରହିଥିବା ବିଭିନ୍ନ ସୁବିଧାସୁଯୋଗ ସମ୍ବନ୍ଧରେ ସବିଶେଷ ସୂଚନା ;

(xvi) ସଂସ୍ଥାପାଇଁ ନିଯୁକ୍ତ ଜନ ସୂଚନା ଅଧିକାରୀମାନଙ୍କ ନାମ, ପଦବୀ ଓ ଅନ୍ୟାନ୍ୟ ସବିଶେଷ ସୂଚନା, ଏବଂ

(xvii) ଏହାଛଡା ସେହିସବୁ ସୂଚନା, ଯେଉଁଗୁଡିକ ବିଷୟରେ ବିହିତ କରା ଯାଇପାରେ, ଏବଂ

ଏହି ସମସ୍ତ ସୂଚନା-ପ୍ରକାଶନକୁ ପ୍ରତି ବର୍ଷ ନବୀକରଣ କରିବେ ;

(c) ଜନସ୍ୱାର୍ଥକୁ ପ୍ରଭାବିତ କରୁଥିବା ଗୁରୁତ୍ୱପୂର୍ଣ୍ଣ ନୀତି-ନିର୍ଦ୍ଧାରଣ କଲାବେଳେ ବା କୌଣସି ଏକ ନିଷ୍ପତ୍ତି ଘୋଷଣା କଲାବେଳେ ତଦ୍-ସଂଶ୍ଳିଷ୍ଟ ସମସ୍ତ ପ୍ରାସଙ୍ଗିକ ସୂଚନାକୁ ପ୍ରକାଶନ କରିବେ;

(d) ପ୍ରଭାବିତ ଜନସାଧାରଣଙ୍କ ସାମନାରେ ନିଜର ପ୍ରଶାସନିକ ବା କଳ୍ପ-ନ୍ୟାୟିକ (କ୍ୱାସି-ଜୁଡିସିଆଲ୍) ନିଷ୍ପତ୍ତିଗୁଡିକର ଯୌକ୍ତିକତା ଉପସ୍ଥାପନ କରିବେ ।

(2) ପ୍ରତି ଜନ କର୍ତ୍ତୃପକ୍ଷ ସଦାସର୍ବଦା ପ୍ରୟାସ କରିବେ, ଉପଧାରା (1)(b)ର ପ୍ରୟୋଜନ ମେଣ୍ଟାଇବା ପାଇଁ ଇଣ୍ଟରନେଟ୍ ସମେତ ବିଭିନ୍ନ ଯୋଗାଯୋଗ ମାଧ୍ୟମରେ ତଥା ନିୟମିତ ଅନ୍ତରାଳରେ ନିଜ ତରଫରୁ ସ୍ୱଂୟଚାଳିତ ହୋଇ ଯଥାସମ୍ଭବ ଅଧିକ ମାତ୍ରାରେ ସୂଚନା ପ୍ରସାରଣ କରିବେ, ଯଦ୍ୱାରା ସାଧାରଣ ଲୋକେ ସୂଚନା ପାଇବା ପାଇଁ ଏହି ଆଇନ୍‌କୁ ବ୍ୟବହାର କରିବାର ଆବଶ୍ୟକତା ସର୍ବନିମ୍ନ ହୋଇପଡିବ ।

(3) ଉପଧାରା (1) ର ପ୍ରୟୋଜନ ମେଣ୍ଟାଇବା ପାଇଁ ପ୍ରତି ସୂଚନାକୁ ଏମିତି ବ୍ୟାପକ ଭାବେ ଏବଂ ଏମିତି ରୂପରେ ଓ ଏମିତି ଢଙ୍ଗରେ ପ୍ରସାରଣ କରାଯିବ, ଯାହା ଫଳରେ ତାହା ସର୍ବସାଧାରଣଙ୍କୁ ସହଜରେ ଉପଲବ୍ଧ ହୋଇପାରୁଥିବ ।

(4) ଏକ ସ୍ଥାନୀୟ ଇଲାକାରେ ସମସ୍ତ ପ୍ରକାର ସୂଚନା-ସାମଗ୍ରୀ ପ୍ରସାରଣ କରିବାକୁ ଗଲାବେଳେ ସେହି ଇଲାକାରେ ପ୍ରଚଳିତ ଥିବା ସର୍ବନିମ୍ନ ଖର୍ଚ୍ଚ, ସ୍ଥାନୀୟ ଭାଷା ଓ ସବୁଠୁଁ ଫଳପ୍ରଦ ପ୍ରସାରଣ ପଦ୍ଧତିକୁ ବିଚାରକୁ ନେବାକୁ ପଡିବ, ଏବଂ ସର୍ବୋପରି କେନ୍ଦ୍ରୀୟ ଓ ରାଜ୍ୟସ୍ତରୀୟ ଜନ ସୂଚନା ଅଧିକାରୀମାନଙ୍କ ଆୟତ୍ତରେ ଇଲେକ୍ଟ୍ରନିକ ମାଧ୍ୟମରେ ଥିବା ସୂଚନାଗୁଡ଼ିକ ଯଥାସମ୍ଭବ ସହଜରେ ଉପଲବ୍ଧ ହୋଇପାରୁଥିବ, ଏବଂ ସେସବୁକୁ ବିନାମୂଲ୍ୟରେ ଯୋଗାଇ ଦିଆଯିବ ନଚେତ୍ ବିହିତ ହେବାକୁ ଥିବା କେବଳ ମାଧ୍ୟମ(ମିଡିୟମ୍)ର ବା ମୁଦ୍ରଣ ଖର୍ଚ୍ଚର ଦାମ୍ ବିନିମୟରେ ଯୋଗାଇ ଦିଆଯିବ ।

ସ୍ପଷ୍ଟୀକରଣ- ଉପଧାରା(3) ଏବଂ (4)ର ପ୍ରୟୋଜନ ମେଣ୍ଟାଇବାପାଇଁ, ‘ସୂଚନାର ପ୍ରସାରଣ’ କହିଲେ, ନୋଟିସ୍ ବୋର୍ଡ, ସମ୍ବାଦପତ୍ର, ସର୍ବସାଧାରଣରେ ଘୋଷଣା, ଗଣମାଧ୍ୟମରେ ପ୍ରଚାର, ଇଣ୍ଟରନେଟ୍ ବା ଏକ ଜନ କର୍ତ୍ତୃପକ୍ଷଙ୍କ ଦପ୍ତରକୁ ନିରୀକ୍ଷଣ (ଇନସ୍ପେକ୍ସନ୍) ସମେତ ଅନ୍ୟ ଯେ କୌଣସି ମାଧ୍ୟମରେ ସର୍ବସାଧାରଣଙ୍କୁ ସୂଚନା ଜଣାଇବା ବା ବିଜ୍ଞପ୍ତି କରିବା ।

## 5. ଜନସୂଚନା ଅଧିକାରୀଙ୍କୁ ପଦନାମିତ କରିବା-

(1) ପ୍ରତି ଜନକର୍ତ୍ତୃପକ୍ଷ ଏହି ଆଇନ୍ ଘୋଷିତ ହେବାର 100 ଦିନ ଭିତରେ ନିଜର ସମସ୍ତ ପ୍ରଶାସନିକ ଶାଖା ଓ  କାର୍ଯ୍ୟାଳୟରେ ଏହି ଆଇନ୍ ଅନୁଯାୟୀ ସୂଚନା ପାଇଁ ଆବେଦନ କରୁଥିବା ବ୍ୟକ୍ତିମାନଙ୍କୁ ସୂଚନା ପ୍ରଦାନ କରିବା ସକାଶେ ସ୍ଥଳ ବିଶେଷରେ ଦରକାର ପଡୁଥିବା ଯଥାସମ୍ଭବ ଅଧିକ ସଂଖ୍ୟାରେ କେନ୍ଦ୍ରୀୟ ବା ରାଜ୍ୟସ୍ତରୀୟ ଜନସୂଚନା ଅଧିକାରୀଙ୍କୁ ପଦନାମିତ କରିବେ ।

(2) ଉପଧାରା (1)ରେ ଥିବା ପ୍ରାବଧାନଗୁଡିକୁ ପ୍ରତିବନ୍ଧ ନକରି, ଏହି ଆଇନ୍ ଘୋଷିତ ହେବାର 100 ଦିନ ଭିତରେ ପ୍ରତି ଜନ କର୍ତ୍ତୃପକ୍ଷ ପ୍ରତି ଉପଖଣ୍ଡ (ସବ୍-ଡିଭିଜନ୍ ) ବା ଅନ୍ୟାନ୍ୟ ଉପ-ଜିଲ୍ଲା ସ୍ତରରେ ସ୍ଥଳ ବିଶେଷରେ ଜଣେ ଲେଖାଁ ସହକାରୀ କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ ବା ସହକାରୀ ରାଜ୍ୟସ୍ତରୀୟ ଜନ ସୂଚନା ଅଧିକାରୀଙ୍କୁ ପଦନାମିତ କରିବେ, ଯାହାଙ୍କର କାର୍ଯ୍ୟହେବ ଏହି ଆଇନ୍ ଅଧୀନରେ ସୂଚନା ପାଇଁ ଦରଖାସ୍ତ ବା ଅପିଲ୍‌କୁ ଗ୍ରହଣ କରି କେନ୍ଦ୍ରୀୟ ବା ରାଜ୍ୟସ୍ତରୀୟ ଜନ ସୂଚନା ଅଧିକାରୀଙ୍କ ନିକଟକୁ ଅଥବା ଧାରା 19 ଅନ୍ତର୍ଗତ ଉପଧାରା (1)ରେ ବିନିର୍ଦ୍ଦିଷ୍ଟ ବରିଷ୍ଠ ଅଧିକାରୀଙ୍କ ନିକଟକୁ ଅଥବା ସ୍ଥଳ ବିଶେଷରେ କେନ୍ଦ୍ରୀୟ ସୂଚନା କମିଶନ୍ ବା ରାଜ୍ୟ ସୂଚନା କମିଶନ୍‌ଙ୍କ ନିକଟକୁ ତରୁନ୍ତ ଅଭିପ୍ରେରଣ କରିବା ।

ପରନ୍ତୁ, ଯେଉଁସ୍ଥଳେ ସୂଚନା ପାଇଁ ଦରଖାସ୍ତ ବା ଅପିଲ୍ ସ୍ଥଳ ବିଶେଷରେ ସହକାରୀ କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ ବା ସହକାରୀ ରାଜ୍ୟସ୍ତରୀୟ ଜନ ସୂଚନା ଅଧିକାରୀଙ୍କୁ ଦିଆଯାଇଥିବ, ସେପରି କ୍ଷେତ୍ରରେ ଧାରା 7 ଅନ୍ତର୍ଗତ ଉପଧାରା (1)ରେ ଉତ୍ତର ପାଇଁ ବିନିର୍ଦ୍ଦିଷ୍ଟ କାଳାବଧିର ସଂଗଣନା କଲାବେଳେ 5 ଦିନ ସମୟ ଯୋଡି ଦିଆଯିବ ।

(3) ସ୍ଥଳ ବିଶେଷରେ ପ୍ରତି କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ ବା ରାଜ୍ୟସ୍ତରୀୟ ଜନ ସୂଚନା ଅଧିକାରୀ ବ୍ୟକ୍ତିମାନଙ୍କ ସୂଚନା ପାଇଁ ଆବେଦନଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ଏବଂ ସୂଚନା ଚାହୁଁଥିବା ବ୍ୟକ୍ତିମାନଙ୍କୁ ଯଥୋଚିତ ସହାୟତା ପ୍ରଦାନ କରିବେ ।

(4) ସ୍ଥଳ ବିଶେଷରେ କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ ବା ରାଜ୍ୟସ୍ତରୀୟ ଜନ ସୂଚନା ଅଧିକାରୀ ନିଜ କର୍ତ୍ତବ୍ୟର ଯଥୋଚିତ ସମ୍ପାଦନ ପାଇଁ ଯଦି ଆବଶ୍ୟକ ମଣନ୍ତି, ତେବେ ସେ ଅନ୍ୟ ଯେକୌଣସି ଅଧିକାରୀଙ୍କ ସହାୟତା ଲୋଡିପାରିବେ ।

(5) ଉପଧାରା (4) ଅନୁଯାୟୀ ଯେଉଁ ଅଧିକାରୀଙ୍କର ସହାୟତା ଲୋଡା ଯାଇଛି, ସେ ସ୍ଥଳ ବିଶେଷରେ ସହାୟତା ଲୋଡିଥିବା କେନ୍ଦ୍ରୀୟ ଜନ ସୂଚନା ଅଧିକାରୀଙ୍କୁ ବା ରାଜ୍ୟସ୍ତରୀୟ ଜନ ସୂଚନା ଅଧିକାରୀଙ୍କୁ ସମସ୍ତ ସହାୟତା ଯୋଗାଇ ଦେବେ, ଏବଂ ଏହି ଆଇନ୍‌ରେ ଥିବା ପ୍ରାବଧାନଗୁଡିକର ଉଲ୍ଲଂଘନ ପରିପ୍ରେକ୍ଷିରେ ଏ ପ୍ରକାର ଅଧିକାରୀଙ୍କୁ ସ୍ଥଳ ବିଶେଷରେ କେନ୍ଦ୍ରୀୟ ବା ରାଜ୍ୟସ୍ତରୀୟ ଜନ ସୂଚନା ଅଧିକାରୀ ରୂପେ ଗଣ୍ୟ କରାଯିବ ।

## 6. ସୂଚନା ପାଇଁ ଆବେଦନ-

(1) ଯେଉଁ ବ୍ୟକ୍ତି ଏହି ଆଇନ୍ ଅନୁଯାୟୀ କୌଣସି ସୂଚନା ପାଇବାକୁ ଚାହିଁବେ, ସେ ଇଂରାଜୀ, ହିନ୍ଦୀ ବା ସଂପୃକ୍ତ ଅଞ୍ଚଳର ସ୍ଥାନୀୟ ସରକାରୀ ଭାଷାରେ ଲିଖିତ ଭାବେ ବା ଇଲେକ୍ଟ୍ରନିକ୍ ମାଧ୍ୟମରେ ନିଜେ ଚାହୁଁଥିବା ସୂଚନା ସମ୍ବନ୍ଧରେ ସବିଶେଷ ବିବରଣକୁ ବିନିର୍ଦ୍ଦିଷ୍ଟ କରି, ବିହିତ ହେବାକୁ ଥିବା ଫି ସହିତ ନିମ୍ନୋକ୍ତ ଅଧିକାରୀଙ୍କ ନିକଟକୁ ଦରଖାସ୍ତ କରିବେ-

(a) ସଂପୃକ୍ତ ଜନ କର୍ତ୍ତୃପକ୍ଷଙ୍କ ଅଧୀନରେ ଥିବା ଯଥାସ୍ଥିତି କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ ବା ରାଜ୍ୟ ଜନ ସୂଚନା ଅଧିକାରୀ ;

(b) ଯଥାସ୍ଥିତି କେନ୍ଦ୍ରୀୟ ସହକାରୀ ଜନ ସୂଚନା ଅଧିକାରୀ ବା ରାଜ୍ୟସ୍ତରୀୟ ସହକାରୀ ଜନ ସୂଚନା ଅଧିକାରୀ ;

ପରନ୍ତୁ, ଯେଉଁ ସ୍ଥଳେ ଜଣେ ବ୍ୟକ୍ତି ନିଜର ଦରଖାସ୍ତ ଲେଖିବାକୁ ଅକ୍ଷମ, ସେ କ୍ଷେତ୍ରରେ ସ୍ଥଳ ବିଶେଷରେ କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ ବା ରାଜ୍ୟସ୍ତରୀୟ ଜନ ସୂଚନା ଅଧିକାରୀ ସଂପୃକ୍ତ ବ୍ୟକ୍ତିଙ୍କର ମୌଖିକ ଆବେଦନକୁ ଲିଖିତ ରୂପ ଦେବାକୁ ସମସ୍ତ ପ୍ରକାର ଯଥୋଚିତ ସହାୟତା ପ୍ରଦାନ କରିବେ ।

(2) ସୂଚନା ପାଇଁ ଆବେଦନ କରୁଥିବା ବ୍ୟକ୍ତିଙ୍କ ପକ୍ଷେ କେବଳ ତାଙ୍କ ସହ ଯୋଗାଯୋଗ ପାଇଁ ଆବଶ୍ୟକ ପଡୁଥିବା ବିବରଣ ଛଡା, ସଂପୃକ୍ତ ସୂଚନା ଚାହିଁବା ପଛରେ କୌଣସି କାରଣ ଦର୍ଶାଇବା ବା ଅନ୍ୟ କୌଣସି ବ୍ୟକ୍ତିଗତ ବିସ୍ତାରଣା ଦେବାର ଆବଶ୍ୟକ ନାହିଁ ।

(3) ଯେଉଁ ସ୍ଥଳେ ଗୋଟିଏ ଜନ କର୍ତ୍ତୃପକ୍ଷଙ୍କ ପାଖରେ ଏଭଳି ଏକ ସୂଚନା ପାଇଁ ଦରଖାସ୍ତ କରାଯାଇଛି, ଯାହାକି-

(i) ଭିନ୍ନ ଏକ ଜନ କର୍ତ୍ତୃପକ୍ଷଙ୍କ ଠାରେ ଅଛି; ବା

(ii) ବିଷୟବସ୍ତୁ ଦୃଷ୍ଟିରୁ ଭିନ୍ନ ଏକ ଜନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟକଳାପ ସହ ଅଧିକ ନିବିଡ ଭାବେ ସଂଶ୍ଳିଷ୍ଟ, ତେବେ ଦରଖାସ୍ତରେ ସମ୍ବୋଧିତ ଜନ କର୍ତ୍ତୃପକ୍ଷ ଦରଖାସ୍ତଟିକୁ ବା ଏହାର ସମୁଚିତ ଖଣ୍ଡାଂଶକୁ ସେହି ଭିନ୍ନ ଜନ କର୍ତ୍ତୃପକ୍ଷଙ୍କ ନିକଟକୁ ସ୍ଥାନାନ୍ତରଣ କରିବେ ଏବଂ ଦରଖାସ୍ତକାରୀଙ୍କୁ ଏତାଦୃଶ ସ୍ଥାନାନ୍ତରଣ ବିଷୟରେ ତୁରନ୍ତ ଅବହିତ କରିବେ ।

ପରନ୍ତୁ, ଏହି ଉପଧାରା ଅନୁସାରେ ସଂପୃକ୍ତ ଦରଖାସ୍ତଟିର ସ୍ଥାନାନ୍ତରଣ ଯଥାସମ୍ଭବ ଶୀଘ୍ର କରାଯିବ, କିନ୍ତୁ କୌଣସି ପରିସ୍ଥିତିରେ ଏହା ଦରଖାସ୍ତ ମିଳିବା ତାରିଖର 5 ଦିନରୁ ଅଧିକ ଡେରି ହେବନି ।

## 7. ଆବେଦନର ନିକାଶ-

(1) ଧାରା 5 ଅନ୍ତର୍ଗତ ଉପଧାରା (2)ର ପରନ୍ତୁକ ବା ଧାରା 6 ଅନ୍ତର୍ଗତ ଉପଧାରା (3)ର ପରନ୍ତୁକର ଅଧୀନରେ ରହି, ଯଥାସ୍ଥିତି ଜଣେ କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ ବା ରାଜ୍ୟସ୍ତରୀୟ ଜନ ସୂଚନା ଅଧିକାରୀ ଧାରା 6 ଅନୁଯାୟୀ ଗ୍ରହଣ କରିଥିବା ଗୋଟିଏ ଦରଖାସ୍ତ ପାଇଲା ପରେ ଯଥାସମ୍ଭବ ଶୀଘ୍ର ଏବଂ ଯେମିତି ହେଲେ ଦରଖାସ୍ତ ଗ୍ରହଣ କରିବାର 30 ଦିନ ମଧ୍ୟରେ ବିହିତ ହେବାକୁ ଥିବା ଫି ଆଦାୟ ପୂର୍ବକ ଆବେଦିତ ସୂଚନାକୁ ପ୍ରଦାନ କରିବେ, ଅଥବା ଧାରା 8 ଓ 9 ଅଧୀନରେ ବିନିର୍ଦ୍ଦିଷ୍ଟ ହୋଇଥିବା କାରଣମାନ ଭିତରୁ କୌଣସିଟିକୁ ଦର୍ଶାଇ ଦରଖାସ୍ତଟିକୁ ପ୍ରତ୍ୟାଖ୍ୟାନ କରିବେ:

ପରନ୍ତୁ, ଯେଉଁ ସ୍ଥଳେ ଆବେଦିତ ସୂଚନା ଜଣେ ବ୍ୟକ୍ତିଙ୍କର ଜୀବନ ବା ସ୍ୱାଧୀନତା ସହ ସଂଶ୍ଳିଷ୍ଟ ହୋଇଥିବ, ତାହା ଦରଖାସ୍ତ ମିଳିବାର ଅଠଚାଳିଶ୍ ଘଣ୍ଟା ମଧ୍ୟରେ ଯୋଗାଇ ଦିଆଯିବ ।

(2) ଯଦି ଯଥାସ୍ଥିତି କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ ବା ରାଜ୍ୟସ୍ତରୀୟ ଜନ ସୂଚନା ଅଧିକାରୀ ଉପଧାରା (1)ରେ ବିନିର୍ଦ୍ଦିଷ୍ଟ ହୋଇଥିବା ସମୟସୀମା ଭିତରେ ସୂଚନା ପାଇଁ ଦରଖାସ୍ତ ଉପରେ ନିଷ୍ପତ୍ତି ଶୁଣେଇବାରେ ଅସଫଳ ହୁଅନ୍ତି, ତେବେ ଏହା ଧରି ନିଆଯିବ ଯେ, ସେ ଦରଖାସ୍ତଟିକୁ ନାମଞ୍ଜୁର କରି ଦେଇଛନ୍ତି ।

(3) ଯେଉଁସ୍ଥଳେ ସୂଚନା-ଯୋଗାଣ ବାବଦରେ କୌଣସି ଅତିରିକ୍ତ ଫି ଆଦାୟ କଲାପରେ ଆବେଦିତ ସୂଚନାକୁ ଦିଆଯାଇ ପାରିବ ବୋଲି ନିଷ୍ପତ୍ତି ନିଆ ଯାଇଥିବ, ସେପରି କ୍ଷେତ୍ରରେ ଯଥାସ୍ଥିତି କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ ବା ରାଜ୍ୟସ୍ତରୀୟ ଜନ ସୂଚନା ଅଧିକାରୀ ସୂଚନା ପାଇଁ ଆବେଦନ କରିଥିବା ବ୍ୟକ୍ତିଙ୍କ ନିକଟକୁ ଏକ ଜ୍ଞାପନ ପ୍ରେରଣ କରିବେ, ଯେଉଁଥିରେ ନିମ୍ନୋକ୍ତ ବିଷୟ ସୂଚୀତ ହୋଇଥିବ –

(a)ସୂଚନା-ପ୍ରଦାନର ବିନିମୟ ମୂଲ୍ୟ ବାବଦରେ ତାଙ୍କ ଦ୍ୱାରା ନିର୍ଦ୍ଧାରଣ କରା ଯାଇଥିବା ଅତିରିକ୍ତ ଫି ର ସବିଶେଷ ବିବରଣ ସହିତ ଉପଧାରା(1) ଅଧୀନରେ ବିହିତ ହୋଇଥିବା ଫି ଅନୁଯାୟୀ ସେ କି ପ୍ରକାର ସଂଗଣନା କରି ସଂପୃକ୍ତ ଅର୍ଥରାଶିରେ ଉପନୀତ ହେଲେ, ତହିଁର ସବିଶେଷ ହିସାବ, ସେହିସବୁ ଫି ପଇଠ କରିବାକୁ ଅନୁରୋଧ, ସେହି ଉପଧାରାରେ ସୂଚିତ ହୋଇଥିବା ତିରିଶ ଦିନର ସମୟସୀମା ସଂଗଣନ କଲାବେଳେ, ଉପରୋକ୍ତ ଜ୍ଞାପକ ପ୍ରେରଣ ଏବଂ ଫି ଦାଖଲ ଭିତରେ ସମୟ-ବ୍ୟବଧାନକୁ ବାଦ୍ ଦିଆଯିବ;

(b)ଦାବୀ କରାଯାଉଥିବା ଫିସ୍ ପରିମାଣ ବା ଯେଉଁ ରୀତିରେ ସୂଚନା ପ୍ରଦାନ କରାଯାଉଛି, ସେ ସଂକ୍ରାନ୍ତୀୟ ନିଷ୍ପତ୍ତିର ପୁନର୍ବିଚାର କରାଇବା ପାଇଁ ଜଣେ ନାଗରିକର ଅଧିକାର ସମ୍ବନ୍ଧରେ ସୂଚନା, ଯାହା ମଧ୍ୟରେ ଅପିଲ୍ କର୍ତ୍ତୃପକ୍ଷ, ଅପିଲ୍ ପାଇଁ ସମୟସୀମା ଓ ପ୍ରକ୍ରିୟା ତଥା ସୂଚନା ପାଇବାର ଅନ୍ୟ କିଛି ଉପାୟ ସମ୍ବନ୍ଧରେ ସବିଶେଷ ସୂଚନା ଅନ୍ତର୍ଭୁକ୍ତ ରହିବ ।

(4) ଯେଉଁସ୍ଥଳେ ଏହି ଆଇନ୍ ଅଧୀନରେ ଗୋଟିଏ ରେକର୍ଡ ବା ଏହାର ଖଣ୍ଡାଂଶକୁ ଦିଆଯିବା କଥା, ଅଥଚ ଯେଉଁ ବ୍ୟକ୍ତିଙ୍କୁ ସୂଚନା ଦିଆଯିବ, ସେ ବୋଧେନ୍ଦ୍ରିୟ-ଅକ୍ଷମ ହୋଇ ପଡିଛନ୍ତି, ସେପରି ସ୍ଥଳେ ଯଥାସ୍ଥିତି କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ ବା ରାଜ୍ୟସ୍ତରୀୟ ଜନ ସୂଚନା ଅଧିକାରୀ ସେହି ବ୍ୟକ୍ତିଙ୍କୁ ସୂଚନା ଉପଲବ୍ଧ କରାଇବା ପାଇଁ ଏଭଳି ସହାୟତା ପ୍ରଦାନ କରିବେ, ଯଦ୍ୱାରା ସେହି ବ୍ୟକ୍ତି ନିରୀକ୍ଷଣ (ଇନସ୍ପେକସନ୍) କରିବାକୁ ମଧ୍ୟ ସମର୍ଥ ହୋଇ ପାରିବେ ।

(5) ଯେଉଁ ସ୍ଥଳେ ମୁଦ୍ରିତ ବା ଅନ୍ୟ କୌଣସି ଇଲେକ୍ଟ୍ରନିକ୍ ମାଧ୍ୟମରେ ସୂଚନାକୁ ଉପଲବ୍ଧ କରାଇବା ଅନିବାର୍ଯ୍ୟ, ସେହି ସ୍ଥଳେ ଉପଧାରା(6)ର ଥିବା ପ୍ରାବ୍ଧାନଗୁଡିକ ଅଧୀନରେ ରହି, ଦରଖାସ୍ତକାରୀ ସେହି ଫି ଦାଖଲ କରିବେ, ଯାହାକି ବିହିତ ହୋଇପାରେ: ପରନ୍ତୁ, ଧାରା 6 ଅନ୍ତର୍ଗତ ଉପଧାରା (1) ଏବଂ ଧାରା 7 ଅନ୍ତର୍ଗତ ଉପଧାରା (1) ଓ (5) ଅଧୀନରେ ବିହିତ ହୋଇଥିବା ଫିସ୍ ଯଥୋଚିତ ହେବ, ଏବଂ ଏ ପ୍ରକାର କୌଣସି ଫିସ୍ ସମୁଚିତ ସରକାରଙ୍କ ଦ୍ୱାରା ଚିହ୍ନିତ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବ୍ୟକ୍ତିମାନଙ୍କ ଉପରେ ଲାଗୁ ହେବନି ।

(6) ଉପଧାରା (5)ରେ ଯାହାକିଛି ସ୍ଥାନିତ ହୋଇଥାଉନା କାହିଁକି, ଯଦି ଗୋଟିଏ ଜନ କର୍ତ୍ତୃପକ୍ଷ ଉପଧାରା (1)ରେ ବିନିର୍ଦ୍ଦିଷ୍ଟ ହୋଇଥିବା ସମୟ-ସୀମାକୁ ଅନୁପାଳନ କରିବାରେ ବିଫଳ ହୁଅନ୍ତି, ତେବେ ସୂଚନା ପାଇଁ ଦରଖାସ୍ତ କରିଥିବା ବ୍ୟକ୍ତିଙ୍କୁ ବିନାମୂଲ୍ୟରେ ସୂଚନା ଯୋଗାଇ ଦିଆଯିବ ।

(7) ଉପଧାରା (1) ଅନୁଯାୟୀ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ଯଥାସ୍ଥିତି କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ ବା ରାଜ୍ୟ ଜନ ସୂଚନା ଅଧିକାରୀ ଧାରା 11 ଅଧୀନରେ ତୃତୀୟ ପକ୍ଷ ଦ୍ୱାରା ଦାଖଲ ହୋଇଥିବା ପ୍ରତିବେଦନକୁ ବିଚାରକୁ ନେଇଥିବେ ।

(8) ଯେଉଁସ୍ଥଳେ ଉପଧାରା (1) ଅନୁଯାୟୀ ଏକ ଆବେଦନକୁ ଖାରଜ କରାଯାଇଥିବ, ସେପରି ସ୍ଥଳେ ଯଥାସ୍ଥିତି କେନ୍ଦ୍ରୀୟ ବା ରାଜ୍ୟସ୍ତରୀୟ ଜନସୂଚନା ଅଧିକାରୀ ଆବେଦନ କରିଥିବା ବ୍ୟକ୍ତିଙ୍କୁ ନିମ୍ନୋକ୍ତ ବିଷୟ ଜଣାଇବେ-

(i) ଏତାଦୃଶ ଖାରଜର କାରଣମାନ;

(ii) ଏତାଦୃଶ ଖାରଜ ବିରୁଦ୍ଧରେ ଅପିଲ୍ କରିବାର ସମୟସୀମା; ଏବଂ

(iii) ଅପିଲ୍ କର୍ତ୍ତୃପକ୍ଷଙ୍କ ସଂପର୍କୀତ ସବିଶେଷ ବିବରଣ ।

(9) ଯଦି କୌଣସି ସୂଚନା-ପ୍ରଦାନ କାରଣରୁ ଜନ କର୍ତ୍ତୃପକ୍ଷଙ୍କ ସମ୍ବଳର ଅଯଥା ଅପଚୟ ହେଉନଥାଏ ବା ସଂପୃକ୍ତ ରେକର୍ଡର ନିରାପତ୍ତା ଓ ରକ୍ଷଣାବେକ୍ଷଣ କ୍ଷତିଗ୍ରସ୍ତ ହେଉନଥାଏ, ତେବେ ଆବେଦିତ ସୂଚନାକୁ ସାଧାରଣତଃ ସେହି ରୀତିରେ ଯୋଗାଇ ଦିଆଯିବ, ଯେଉଁ ରୀତିରେ ଆବେଦକ ଚାହିଁଛନ୍ତି ।

## 8. ସୂଚନା ପ୍ରକଟନରୁ ଅବ୍ୟାହତି-

(1) ଏହି ଆଇନ୍‌ରେ ଯାହାକିଛି ସ୍ଥାନିତ ହୋଇଥାଉନା କାହିଁକି, କୌଣସି ନାଗରିକଙ୍କୁ ନିମ୍ନୋକ୍ତ ଧରଣର ସୂଚନା ପ୍ରଦାନ ପାଇଁ କୌଣସି ବାଧ୍ୟତା ରହିବନାହିଁ –

(a) ଯେଉଁ ସୂଚନାର ପ୍ରକଟନ ଫଳରେ ଭାରତର ସାର୍ବଭୌମତ୍ୱ ଓ ଅଖଣ୍ଡତା, ରାଷ୍ଟ୍ରର ସୁରକ୍ଷା ସଂଶ୍ଳିଷ୍ଟ, ରଣନୀତି-ସଂପର୍କୀତ, ବୈଜ୍ଞାନିକ ବା ଅର୍ଥନୈତିକ ସ୍ୱାର୍ଥ ଏବଂ ବିଦେଶୀ ରାଷ୍ଟ୍ର ସହିତ ସଂପର୍କ ଉପରେ ପ୍ରତିକୂଳ ପ୍ରଭାବ ପଡିବ ଅଥବା କୌଣସି ଅପରାଧକୁ ଉସ୍କାନି ମିଳିଯିବ;

(b) ଯେଉଁ ସୂଚନାର ପ୍ରକଟନ କୌଣସି ନ୍ୟାୟାଳୟ ବା ନ୍ୟାୟାଧିକରଣ (ଟ୍ରିବ୍ୟୁନାଲ୍) ଦ୍ୱାରା ସୁସ୍ପଷ୍ଟଭାବେ ନିଷିଦ୍ଧ ହୋଇଥିବ, ବା ଯେଉଁ ସୂଚନା ପ୍ରକଟନ ଫଳରେ ନ୍ୟାୟାଳୟର ଅବମାନନା ହୋଇପାରେ ;

(c) ଯେଉଁ ସୂଚନାର ପ୍ରକଟନ ଫଳରେ ସଂସଦ ବା ରାଜ୍ୟ ଆଇନ୍–ସଭାର ସ୍ୱାଧିକାର ଭଙ୍ଗ ହେବ;

(d) ବାଣିଜ୍ୟିକ ଗୋପନୀୟତା, ବ୍ୟବସାୟିକ ଗୁପ୍ତ-ତଥ୍ୟ ବା ବୌଦ୍ଧିକ ସମ୍ପତ୍ତି ସମେତ ସେହିସବୁ ସୂଚନା, ଯାହାର ପ୍ରକଟନ ଘଟିଲେ ଗୋଟିଏ ତୃତୀୟ ପକ୍ଷର ପ୍ରତିଯୋଗିତା-ମୂଳକ ସ୍ଥିତି କ୍ଷତିଗ୍ରସ୍ତ ହେବ; ଅଥଚ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ଯଦି ମନେ କରନ୍ତି ଯେ ଏତାଦୃଶ ସୂଚନାର ପ୍ରକଟନ ଦ୍ୱାରା ବୃହତ୍ତର ଜନସ୍ୱାର୍ଥ ଉପକୃତ ହୋଇପାରିବ, ତେବେ ସେପରି ସ୍ଥଳେ ବ୍ୟତିକ୍ରମ ଘଟିପାରେ;

(e) କୌଣସି ବ୍ୟକ୍ତିଙ୍କୁ ନ୍ୟାସୀୟ ସଂପର୍କ ମାଧ୍ୟମରେ ମିଳିଥିବା ସୂଚନା; ଅଥଚ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ଯଦି ମନେ କରନ୍ତି ଯେ, ଏତାଦୃଶ ସୂଚନାର ପ୍ରକଟନ ଦ୍ୱାରା ବୃହତ୍ତର ଜନସ୍ୱାର୍ଥ ଉପକୃତ ହୋଇପାରିବ, ତେବେ ସେପରି ସ୍ଥଳେ ବ୍ୟତିକ୍ରମ ଘଟିପାରେ;

(f) ବିଦେଶୀ ସରକାରଙ୍କ ଠାରୁ ଗୋପନୀୟ ସୂତ୍ରରେ ମିଳିଥିବା ସୂଚନା;

(g) ଯେଉଁ ସୂଚନାର ପ୍ରକଟନ ଫଳରେ କୌଣସି ବ୍ୟକ୍ତିର ଜୀବନ ବା ଶାରିରୀକ ନିରାପତ୍ତା ବିପନ୍ନ ହୋଇପାରେ, ଅଥବା ଆଇନ୍‌ର କାର୍ଯ୍ୟକାରିତା ବା ନିରାପତ୍ତା ରକ୍ଷା ଉଦ୍ଦେଶ୍ୟରେ ଗୋପନରେ ମିଳିଥିବା ତଥ୍ୟ ବା ସହାୟତାର ଉତ୍ସ ଚିହ୍ନା ପଡିଯାଇ ପାରେ ;

(h) ଅପରାଧୀମାନଙ୍କର ତଦନ୍ତ, ଗିରଫ ବା ଅଭିଯୋଜନ (ପ୍ରସିକ୍ୟୁସନ୍)ର ପ୍ରକ୍ରିୟାକୁ ବ୍ୟାହତ କଲାଭଳି ସୂଚନା;

(i) ମନ୍ତ୍ରୀ ପରିଷଦ, ସଚିବବୃନ୍ଦ ଏବଂ ଅନ୍ୟ ଅଧିକାରୀମାନଙ୍କର ବିଚାରବିମର୍ଷର ରେକର୍ଡ ସମେତ କ୍ୟାବିନେଟ୍ କାଗଜପତ୍ର;
ପରନ୍ତୁ, ମନ୍ତ୍ରୀ ପରିଷଦଙ୍କ ନିଷ୍ପତ୍ତିମାନ, ତହିଁର ଯୌକ୍ତିକତା ଏବଂ ସେହିସବୁ ପ୍ରାସଙ୍ଗିକ ତଥ୍ୟାବଳୀ, ଯାହାକୁ ଭିତ୍ତିକରି ନିଷ୍ପତ୍ତମାନ ନିଆଯାଇଥିଲା- ଏସବୁକୁ ସର୍ବସାଧାରଣରେ ପ୍ରକାଶ କରାଯାଇପାରିବ, ସଂପୃକ୍ତ ନିଷ୍ପତ୍ତି ଗୃହୀତ ହେଲାପରେ ଏବଂ ସଂଶ୍ଳିଷ୍ଟ ପ୍ରସଙ୍ଗଟି ପରିସମାପ୍ତ ବା ଅବସାନ ହେଲାପରେ;
ପୁଣି ପରନ୍ତୁ, ଯେଉଁ ବିଷୟଗୁଡିକ ସୂଚନା-ପ୍ରକଟନରୁ ଅବ୍ୟାହତି ପାଇବ ବୋଲି ଏହି ଧାରାରେ ବିନିର୍ଦ୍ଦିଷ୍ଟ କରାଯାଇଛି, ତାହା ପ୍ରକଟନ କରାଯିବ ନାହିଁ;

(j) ବ୍ୟକ୍ତିଗତ ବ୍ୟାପାର ସହ ଜଡିତ ସେହିସବୁ ସୂଚନା, ଯହିଁର ପ୍ରକଟନ ସହିତ ସର୍ବସାଧାରଣ କାର୍ଯ୍ୟ କି ସ୍ୱାର୍ଥର କିଛି ସଂପର୍କ ନାହିଁ, ଅଥବା ଯହିଁର ପ୍ରକଟନ ଦ୍ୱାରା ବ୍ୟକ୍ତିର ଏକାନ୍ତତା ଉପରେ ଅବାଂଛିତ ହସ୍ତକ୍ଷେପ ଘଟିବ; ଅଥଚ ସ୍ଥଳ ବିଶେଷରେ କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ ବା ରାଜ୍ୟ ଜନ ସୂଚନା ଅଧିକାରୀ ବା ଅପିଲ୍ କର୍ତ୍ତୃପକ୍ଷ ଯଦି ମନେ କରନ୍ତି ଯେ, ବୃହତ୍ତର ଜନସ୍ୱାର୍ଥ ଦୃଷ୍ଟିରୁ ଏତାଦୃଶ ସୂଚନାକୁ ପ୍ରକଟନ କରିବା ନ୍ୟାୟୋଚିତ ହେବ, ତେବେ ସେ ତାହା କରି ପାରନ୍ତି ;

ପରନ୍ତୁ, ଯେଉଁ ସୂଚନା-ପ୍ରକଟନରୁ ସଂସଦ ବା ରାଜ୍ୟ ଆଇନ୍-ସଭାକୁ ବଞ୍ଚିତ କରାଯାଇ ପାରିବନି, କୌଣସି ବ୍ୟକ୍ତିଙ୍କୁ ମଧ୍ୟ ସେଥିରୁ ବଞ୍ଚିତ କରାଯିବନି ।

(2) ସରକାରୀ ଗୋପନୀୟତା ଆଇନ୍, 1923ରେ ସ୍ଥାନିତ ହୋଇଥିବା ଯେ କୌଣସି ପ୍ରାବ୍‌ଧାନ ସତ୍ତ୍ୱେ ଏବଂ ଉପଧାରା(1) ଅନୁଯାୟୀ ଅବ୍ୟାହତିଗୁଡିକ ଅନୁଜ୍ଞେୟ ବୋଲି ଘୋଷିତ ହୋଇଥିବା ସତ୍ତ୍ୱେ, ଗୋଟିଏ ଜନ କର୍ତ୍ତୃପକ୍ଷ ଯେ କୌଣସି ସୂଚନାକୁ ସୁଗମ୍ୟ କରିପାରିବେ, ଯଦି ସେ ମନେ କରନ୍ତି କୌଣସି ଏକ ସଂଗୋପନୀୟ ସୂଚନାକୁ ପ୍ରକଟନ କରିବା ଦ୍ୱାରା ଯେଉଁ ଜନସ୍ୱାର୍ଥ ସାଧିତ ହେବ, ତାହା ସଂପୃକ୍ତ ସୂଚନାକୁ ପ୍ରକଟନ ଜନିତ ସମ୍ଭାବ୍ୟ କ୍ଷତିଠାରୁ ତୁଳନାତ୍ମକଭାବେ ଅଧିକ ।

(3) ଉପଧାରା (1) ଅନ୍ତର୍ଗତ ଖଣ୍ଡ (a), (c) ଓ (i) ରେ ଥିବା ପ୍ରାବ୍‌ଧାନଗୁଡିକର ଅଧୀନରେ ରହି, ଯଦି ଧାରା (6) ଅନୁସାରେ ସୂଚନା ପାଇଁ ଦରଖାସ୍ତ କରିବା ତାରିଖର କୋଡିଏ ବର୍ଷ ପୂର୍ବରୁ କୌଣସି ଘଟଣା ବା ବୃତ୍ତାନ୍ତ ବା ପ୍ରସଙ୍ଗ ଘଟିଥାଏ, ତେବେ ସେହି ଧାରା ଅଧୀନରେ ଦରଖାସ୍ତକାରୀ ବ୍ୟକ୍ତିଙ୍କୁ ସଂପୃକ୍ତ ସୂଚନା ଯୋଗାଇ ଦିଆଯିବ;

**ପରନ୍ତୁ,** ଯେଉଁସ୍ଥଳେ କେଉଁ ତାରିଖଠାରୁ କଥିତ କୋଡି ବର୍ଷର ସମୟ-ଅବଧିର ସଂଗଣନା ହେବ ବୋଲି ପ୍ରଶ୍ନ ଉଠିବ, ସେପରି ସ୍ଥଳେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଚୂଡାନ୍ତ ବିବେଚିତ ବୋଲି ହେବ; କିନ୍ତୁ ଏହି ବାବଦରେ ଏହି ଆଇନ୍‌ରେ ଥିବା ସାଧାରଣ ଅପିଲ୍ ବ୍ୟବସ୍ଥାଗୁଡିକ ପ୍ରଯୁଜ୍ୟ ରହିବ ।

## 9. କତିପୟ ମାମଲାରେ ସୂଚନା ପାଇଁ ଆବେଦନକୁ ଖାରଜ କରିବାର ଆଧାର-

ଧାରା ୮ ଅଧୀନରେ ଥିବା ପ୍ରାବ୍‌ଧାନଗୁଡିକ ପ୍ରତି ପ୍ରତିକୂଳତା ପୋଷଣ ନକରି, ସ୍ଥଳ ବିଶେଷରେ ଜଣେ କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ ବା ରାଜ୍ୟ ଜନ ସୂଚନା ଅଧିକାରୀ ସୂଚନା ପାଇଁ ଏକ ଆବେଦନକୁ ଖାରଜ କରିଦେଇ ପାରନ୍ତି, ଯଦି ସଂପୃକ୍ତ ସୂଚନାକୁ ସୁଗମ୍ୟ କରିବା ଦ୍ୱାରା ରାଷ୍ଟ୍ର ବ୍ୟତିରେକ ଜଣେ ବ୍ୟକ୍ତିର ରଚନାସ୍ୱତ୍ୱ (କପିରାଇଟ୍) ଉଲ୍ଲଂଘିତ ହେଉଥାଏ ।

## 10. ପୃଥକୀକରଣ-

(1) ଯେଉଁସ୍ଥଳେ ସୂଚନା ପ୍ରକଟନରୁ ଅବ୍ୟାହତି ପାଇଛି ବୋଲି ଯୁକ୍ତି ଭିତ୍ତିରେ ସୂଚନା-ହାସଲ ପାଇଁ ଏକ ଆବେଦନକୁ ଖାରଜ କରାଯିବ, ସେପରି ସ୍ଥଳେ ଏହି ଆଇନ୍‌ରେ ଯାହାକିଛି ସ୍ଥାନିତ ହୋଇଥାଉନା କାହିଁକି, ସଂପୃକ୍ତ ରେକର୍ଡର ଯେଉଁ ଅଂଶରେ ଏହି ଆଇନ୍ ଅନୁଯାୟୀ ପ୍ରକଟନରୁ ଅବ୍ୟାହତି ପାଇଥିବା ସୂଚନା ନାହିଁ, ସେହି ଅଂଶକୁ ସୁଗମ୍ୟ କରାଯାଇପାରେ ଏବଂ ସେହି ଅଂଶକୁ ପ୍ରକଟନରୁ ଅବ୍ୟାହତି ପାଇଥିବା ସୂଚନା-ବହନକାରୀ ଅଂଶଠାରୁ ଯଥୋଚିତ ଭାବେ ବିଚ୍ଛିନ୍ନ କରାଯାଇପାରେ ।

(2) ଯେଉଁସ୍ଥଳେ ଉପଧାରା (1) ଅନୁଯାୟୀ ଗୋଟିଏ ରେକର୍ଡର ଖଣ୍ଡାଂଶକୁ ସୁଗମ୍ୟ କରିବାପାଇଁ ମଞ୍ଜୁରି ଦିଆଯାଉଛି, ସେ କ୍ଷେତ୍ରରେ ଯଥାସ୍ଥିତି କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ ବା ରାଜ୍ୟ ଜନ ସୂଚନା ଅଧିକାରୀ ଦରଖାସ୍ତକାରୀଙ୍କୁ ନିମ୍ନୋକ୍ତ ବିଷୟ ଜଣାଇ ଏକ ଜ୍ଞାପକ ପଠାଇବେ –

(a) ପ୍ରକଟନରୁ ଅବ୍ୟାହତି ପାଇଥିବା ସୂଚନାକୁ ବହନକରୁଥିବା ଖଣ୍ଡାଂଶକୁ ସଂପୃକ୍ତ ରେକର୍ଡରୁ ବିଚ୍ଛିନ୍ନ କରିବା ପରେ ଆବେଦିତ ରେକର୍ଡର କେବଳ ବାକୀ ଖଣ୍ଡାଂଶକୁ ପଠାଯାଉଛି;

(b) ଯେଉଁ ପ୍ରାସଙ୍ଗିକ ତଥ୍ୟାବଳୀକୁ ଆଧାର କରି ସଂପୃକ୍ତ ନିଷ୍କର୍ଷରେ ପହୁଞ୍ଚା ଯାଇଛି, ତାହା ସୂଚୀତ କରିବା ସହିତ ସଂଶ୍ଳିଷ୍ଟ ବିଷୟରେ ଉତ୍‌ଥାପିତ ସାରତାତ୍ତ୍ୱିକ ପ୍ରଶ୍ନ ଉପରେ ଉପଲବ୍‌ଧ ହୋଇଥିବା ନିଷ୍କର୍ଷ ସମେତ ଗୃହୀତ ନିଷ୍ପତ୍ତି ପଛରେ ଥିବା ଯୌକ୍ତିକତା ;

(c) ନିଷ୍ପତ୍ତି ନେଇଥିବା ବ୍ୟକ୍ତିଙ୍କର ନାମ ଓ ପଦବୀ ;

(d) ତାଙ୍କ ଦ୍ୱାରା କଳନା କରାଯାଇଥିବା ଫିସ୍‌ର ସବିଶେଷ ହିସାବ, ଏବଂ ଦରଖାସ୍ତକାରୀଙ୍କୁ ମୋଟ୍ କେତେ ପରିମାଣର ଫିସ୍ ଜମା କରିବାକୁ ପଡିବ;

(e) ସୂଚନାର ଖଣ୍ଡାଂଶକୁ ପ୍ରକଟନ ନକରିବା, ଦାବୀ କରାଯାଉଥିବା ଫିସ୍‌ର ପରିମାଣ ଏବଂ ଯେଉଁ ରୀତିରେ ସୂଚନା ଯୋଗାଇ ଦିଆଯାଉଛି, ସେସବୁ ସମ୍ବନ୍ଧରେ ନିଆଯାଉଥିବା ନିଷ୍ପତ୍ତିର ପୁନର୍ବିଚାର କରାଇବା ପାଇଁ ଆବେଦକର ଅଧିକାର; ଏବଂ ଏଥିସହ ଅନ୍ତର୍ଭୁକ୍ତ ରହିବ ଆଉ କେତେକ ସୂଚନା, ଯଥା- ଧାରା 19ର ଉପଧାରା (1)ରେ ବିନିର୍ଦ୍ଦିଷ୍ଟ ହୋଇଥିବା ବରିଷ୍ଠ ଅଧିକାରୀ ଅଥବା ଯଥାସ୍ଥିତି କେନ୍ଦ୍ରୀୟ ସୂଚନା କମିଶନ୍ ବା ରାଜ୍ୟ ସୂଚନା କମିଶନ୍‌ଙ୍କ ସମ୍ବନ୍ଧରେ ସବିଶେଷ ବିବରଣ, ସମୟସୀମା, କାର୍ଯ୍ୟପ୍ରକ୍ରିୟା ଏବଂ ସୂଚନା ହାସଲର ଅନ୍ୟ କୌଣସି ଉପାୟ ।

## 11. ତୃତୀୟ-ପକ୍ଷ ସୂଚନା-

(1) ଯେଉଁସ୍ଥଳେ ଯଥାସ୍ଥିତି କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ ବା ରାଜ୍ୟ ଜନ ସୂଚନା ଅଧିକାରୀ ଏହି ଆଇନ୍ ଅଧୀନରେ ଆବେଦିତ ହୋଇଥିବା ଗୋଟିଏ ସୂଚନା ବା ରେକର୍ଡ ବା ତହିଁର ଏକ ଖଣ୍ଡିତାଂଶ ପ୍ରକଟନ କରିବାକୁ ଚାହାଁନ୍ତି, ଯାହାକି ଏକ ତୃତୀୟ ପକ୍ଷ ସହ ସଂପର୍କୀତ ବା ସେହି ସୂତ୍ରରୁ ଉପଲବ୍‌ଧ, ଏବଂ ଯାହାକି ସେହି ତୃତୀୟ ପକ୍ଷ ଦ୍ୱାରା ଗୋପନୀୟ ବୋଲି ବିବେଚିତ, ସେପରି ସ୍ଥଳେ ଯଥାସ୍ଥିତି କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ ବା ରାଜ୍ୟ ଜନ ସୂଚନା ଅଧିକାରୀ ଆବେଦନ ମିଳିବାର 5 ଦିନ ମଧ୍ୟରେ ସେହି ତୃତୀୟ ପକ୍ଷଙ୍କୁ ଆବେଦନ ସମ୍ବନ୍ଧରେ ଏକ ଲିଖିତ ଜ୍ଞାପକ ପଠାଇବେ ଏବଂ ଏକଥା ଜଣାଇବେ ଯେ, ଯଥାସ୍ଥିତି କେନ୍ଦ୍ରୀୟ ବା ରାଜ୍ୟ ଜନ

ସୂଚନା ଅଧିକାରୀ ସଂପୃକ୍ତ ସୂଚନା ବା ରେକର୍ଡ ବା ତହିଁର ଏକ ଖଣ୍ଡିତାଂଶକୁ ପ୍ରକଟନ କରିବାକୁ ଚାହାଁନ୍ତି, ଏବଂ ସଂପୃକ୍ତ ସୂଚନାକୁ ପ୍ରକଟନ କରିବା ଉଚିତ୍ ହେବ କି ନା, ସେ ବିଷୟରେ ଲିଖିତ ବା ମୌଖିକ ଭାବେ ନିଜର ବକ୍ତବ୍ୟ ଉପସ୍ଥାପନ ପାଇଁ ସେ ତୃତୀୟ ପକ୍ଷଙ୍କୁ ଆହ୍ୱାନ୍ କରିବେ, ଏବଂ ସଂପୃକ୍ତ ସୂଚନାର ପ୍ରକଟନ ସମ୍ବନ୍ଧରେ ନିଷ୍ପତ୍ତି ନେବା ବେଳେ ସେ ତୃତୀୟ ପକ୍ଷର ବକ୍ତବ୍ୟକୁ ଦୃଷ୍ଟିରେ ରଖିଥିବେ :

**ପରନ୍ତୁ,** ଆଇନ୍ ଦ୍ୱାରା ସୁରକ୍ଷିତ ହୋଇଥିବା ବ୍ୟବସାୟ ଓ ବାଣିଜ୍ୟ ସଂକ୍ରାନ୍ତୀୟ ଗୁପ୍ତ ତଥ୍ୟ ବ୍ୟତିରେକ ଅନ୍ୟ ସମସ୍ତ ସୂଚନାର ପ୍ରକଟନକୁ ଅନୁମୋଦନ ଦିଆ ଯାଇପାରେ, ଯଦି ଏତାଦୃଶ ପ୍ରକଟନ ଫଳରେ ଜନସ୍ୱାର୍ଥର ଗୁରୁତ୍ୱ ତୃତୀୟ ପକ୍ଷର ସ୍ୱାର୍ଥ ପ୍ରତି ସମ୍ଭାବ୍ୟ ହାନି ବା କ୍ଷତିଠାରୁ ଅଧିକ ବୋଲି ବିବେଚିତ ହେବ ।

(2) ଯେଉଁସ୍ଥଳେ ଯଥାସ୍ଥିତି କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ ବା ରାଜ୍ୟ ଜନ ସୂଚନା ଅଧିକାରୀଙ୍କ ତରଫରୁ ଉପଧାରା (1) ଅନୁଯାୟୀ ଗୋଟିଏ ତୃତୀୟ ପକ୍ଷଙ୍କୁ ସଂପୃକ୍ତ ସୂଚନା ବା ରେକର୍ଡ ବା ତହିଁର ଖଣ୍ଡିତାଂଶ ବିଷୟରେ ଜ୍ଞାପକ ପଠାଯାଇଛି, ସେପରି ସ୍ଥଳେ ଏହି ଜ୍ଞାପକ ପାଇବାର ଦଶ ଦିନ ମଧ୍ୟରେ ପ୍ରସ୍ତାବିତ ସୂଚନା-ପ୍ରକଟନ ବିରୁଦ୍ଧରେ ନିଜର ପ୍ରତିବେଦନ ଜଣାଇବାକୁ ତୃତୀୟ ପକ୍ଷଙ୍କୁ ସୁଯୋଗ ଦିଆଯିବ ।

(3) ଧାରା7ରେ ଯାହା କିଛି ସ୍ଥାନିତ ହୋଇଥାଉନା କାହିଁକି, ଯଦି ଉପଧାରା(2) ଅନୁଯାୟୀ ତୃତୀୟ ପକ୍ଷଙ୍କୁ ନିଜର ପ୍ରତିବେଦନ ଜଣାଇବାକୁ ସୁଯୋଗ ଦିଆଯାଇଛି, ତେବେ ସଂପୃକ୍ତ ସୂଚନା ବା ରେକର୍ଡ ବା ତହିଁର ଖଣ୍ଡିତାଂଶକୁ ପ୍ରକଟନ କରାଯିବ କି ନାହିଁ, ସେ ବିଷୟରେ ଯଥାସ୍ଥିତି କେନ୍ଦ୍ରୀୟ ଜନସୂଚନା ଅଧିକାରୀ ବା ରାଜ୍ୟ ଜନସୂଚନା ଅଧିକାରୀ ଧାରା6 ଅନୁସାରେ ପ୍ରାପ୍ତ ଆବେଦନର ଚାଳିଶ ଦିନ ମଧ୍ୟରେ ନିଜେ ନିଷ୍ପତ୍ତି ଗ୍ରହଣ କରିବେ ଓ ନିଜର ନିଷ୍ପତ୍ତିକୁ ଏକ ଲିଖିତ ଜ୍ଞାପକ ରୂପରେ ତୃତୀୟ ପକ୍ଷଙ୍କୁ ଜଣାଇଦେବେ ।

(4) ଉପଧାରା(3) ଅନୁଯାୟୀ ପ୍ରେରିତ ଜ୍ଞାପକ ଭିତରେ ଏହି ବକ୍ତବ୍ୟ ଅନ୍ତର୍ଭୁକ୍ତ ହୋଇଥିବ ଯେ, ଯେଉଁ ତୃତୀୟ ପକ୍ଷଙ୍କୁ ଜ୍ଞାପନ କରାଯାଉଛି, ସେ ଚାହିଁଲେ ଧାରା 19 ଅଧୀନରେ ସଂପୃକ୍ତ ନିଷ୍ପତ୍ତି ବିରୁଦ୍ଧରେ ଅପିଲ୍ କରିବା ପାଇଁ ହକ୍‌ଦାର ଅଟନ୍ତି ।

## ଅଧ୍ୟାୟ-3: କେନ୍ଦ୍ରୀୟ ସୂଚନା କମିଶନ୍

### 12. କେନ୍ଦ୍ରୀୟ ସୂଚନା କମିଶନ୍‌ର ଗଠନ-

(1) କେନ୍ଦ୍ର ସରକାର ସରକାରୀ ଗେଜେଟ୍‌ରେ ବିଜ୍ଞପ୍ତି ପୂର୍ବକ କେନ୍ଦ୍ରୀୟ ସୂଚନା କମିଶନ୍ ନାମକ ଏକ ସଂସ୍ଥା ଗଠନ କରିବେ, ଯେଉଁ କମିଶନ୍ ଏହି ଆଇନ୍ ଅଧୀନରେ ତାଙ୍କ ଉପରେ ଅର୍ପିତ କ୍ଷମତାକୁ ପ୍ରୟୋଗ ଏବଂ ନ୍ୟସ୍ତ କାର୍ଯ୍ୟାବଳୀକୁ ସମ୍ପାଦନ କରିବେ ।

(2) କେନ୍ଦ୍ରୀୟ ସୂଚନା କମିଶନ୍ ନିମ୍ନୋକ୍ତଙ୍କୁ ନେଇ ଗଠିତ ହେବ-

(a) ମୁଖ୍ୟ ସୂଚନା କମିଶନର, ଏବଂ

(b) ସର୍ବାଧିକ ୧୦କୁ ନଟପି ସେତିକି ସଂଖ୍ୟକ କେନ୍ଦ୍ରୀୟ ସୂଚନା କମିଶନର, ଯେତିକି ଆବଶ୍ୟକ ବୋଲି ବିବେଚିତ ହେବ ।

(3) ନିମ୍ନୋକ୍ତଙ୍କୁ ନେଇ ଗଠିତ ହୋଇଥିବା ଏକ କମିଟିର ସୁପାରିଶ୍ ଭିତ୍ତିରେ ମୁଖ୍ୟ ସୂଚନା କମିଶନର୍ ଏବଂ ସୂଚନା କମିଶନର୍‌ମାନେ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ହେବେ-

(i) ପ୍ରଧାନମନ୍ତ୍ରୀ, ଯେ କି କମିଟିର ଅଧ୍ୟକ୍ଷ ରହିବେ;

(ii) ଲୋକସଭାରେ ଥିବା ବିରୋଧୀ ଦଳ ନେତା; ଏବଂ

(iii) ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ମନୋନୀତ ଜଣେ କେନ୍ଦ୍ରୀୟ କ୍ୟାବିନେଟ୍ ମନ୍ତ୍ରୀ ।

**ସ୍ପଷ୍ଟୀକରଣ-** ସମସ୍ତ ପ୍ରକାର ସନ୍ଦେହର ନିବାରଣ ପାଇଁ ଏକଥା ଏଠାରେ ଘୋଷଣା କରାଯାଉଛି ଯେ, ଯେଉଁସ୍ଥଳେ ଲୋକସଭାରେ ବିରୋଧୀ ଦଳ ନେତା ରୂପେ କାହାରିକୁ ମାନ୍ୟତା ଦିଆଯାଇ ନଥିବ, ସେ କ୍ଷେତ୍ରରେ ଲୋକସଭାରେ ସରକାରଙ୍କ ବିପକ୍ଷରେ ଥିବା ଏକକ ବୃହତ୍ତମ ଗୋଷ୍ଠୀର ନେତାଙ୍କୁ ବିରୋଧୀ ଦଳର ନେତା ରୂପେ ବିବେଚନା କରାଯିବ ।

(4) କେନ୍ଦ୍ରୀୟ ସୂଚନା କମିଶନ୍‌ଙ୍କ ବ୍ୟାପାରଗୁଡିକର ସାଧାରଣ ଅଧୀକ୍ଷଣ, ନିର୍ଦ୍ଦେଶନା ଓ ପରିଚାଳନା ମୁଖ୍ୟ ସୂଚନା କମିଶନର୍‌ଙ୍କ ଉପରେ ନ୍ୟସ୍ତ ରହିବ, ଯାହାଙ୍କୁ ସହାୟତା କରିବେ ସୂଚନା କମିଶନର୍‌ମାନେ ଏବଂ ଯେ କି ଏମିତି ସବୁ କ୍ଷମତାର ପ୍ରୟୋଗ କରିବେ ଓ ଏମିତି ସବୁ କାର୍ଯ୍ୟ ଓ ଆଚରଣ କରିବେ, ଯଦ୍ଦ୍ୱାରା କେନ୍ଦ୍ରୀୟ ସୂଚନା କମିଶନ୍ ଏହି ଆଇନ୍‌ରେ ସୂଚିତ ଅନ୍ୟ କୌଣସି

କର୍ତ୍ତୃପକ୍ଷର ନିର୍ଦ୍ଦେଶରେ ପରିଚାଳିତ ନହୋଇ ସ୍ୱୟଂଚାଳିତ ଭାବେ ସେହିସବୁ କ୍ଷମତାର ପ୍ରୟୋଗ ଓ କାର୍ଯ୍ୟାବଳୀର ସମ୍ପାଦନ କରିପାରୁଥିବେ ।

(5) ମୁଖ୍ୟ ସୂଚନା କମିଶନର୍ ଓ ସୂଚନା କମିଶନର୍‌ମାନେ ଆଇନ୍, ବିଜ୍ଞାନ ଓ ପ୍ରଯୁକ୍ତି-ବିଦ୍ୟା, ସମାଜସେବା, ପ୍ରବନ୍ଧନ, ସାମ୍ବାଦିକତା, ଗଣମାଧ୍ୟମ, ପ୍ରଶାସନ ବା ଶାସନକାର୍ଯ୍ୟରେ ବ୍ୟାପକ ଜ୍ଞାନାର୍ଜନ ଓ ଅନୁଭୂତି ହାସଲ ଦୃଷ୍ଟିରୁ ସର୍ବସାଧାରଣ କ୍ଷେତ୍ରରେ ସୁପରିଚିତ ବ୍ୟକ୍ତି ହୋଇଥିବେ ।

(6) ମୁଖ୍ୟ ସୂଚନା କମିଶନର୍ ବା ଜଣେ ସୂଚନା କମିଶନର୍ ଯଥାସ୍ଥିତି ସଂସଦ ବା ରାଜ୍ୟ ବା କେନ୍ଦ୍ରାଞ୍ଚଳ ଆଇନ୍ ସଭାର ସଭ୍ୟ ହୋଇନଥିବେ, କୌଣସି ଲାଭଜନକ ପଦବୀରେ ନଥିବେ, କୌଣସି ରାଜନୈତିକ ଦଳ ସହିତ ଜଡିତ ହୋଇନଥିବେ, କୌଣସି ବ୍ୟବସାୟ କରୁନଥିବେ କି କୌଣସି ନିର୍ଦ୍ଦିଷ୍ଟ ବୃତ୍ତି ଅନୁସରଣ କରୁନଥିବେ ।

(7) କେନ୍ଦ୍ରୀୟ ସୂଚନା କମିଶନ୍‌ର ମୁଖ୍ୟ କାର୍ଯ୍ୟାଳୟ ଦିଲ୍ଲୀଠାରେ ରହିବ, ଏବଂ କେନ୍ଦ୍ର ସରକାରଙ୍କ ପୂର୍ବାନୁମତି କ୍ରମେ ଭାରତର ଅନ୍ୟ ସ୍ଥାନମାନଙ୍କରେ କେନ୍ଦ୍ରୀୟ ସୂଚନା କମିଶନ୍ ତାଙ୍କର କାର୍ଯ୍ୟାଳୟମାନ ପ୍ରତିଷ୍ଠା କରିପାରନ୍ତି ।

## 13. ପଦବିଧି ଓ ସେବା ସର୍ତ୍ତାବଳୀ-

(1) ମୁଖ୍ୟ ସୂଚନା କମିଶନର୍ ପଦଗ୍ରହଣ ତାରିଖଠାରୁ ପାଞ୍ଚବର୍ଷ କାର୍ଯ୍ୟକାଳ ପାଇଁ ତାଙ୍କ ପଦବୀରେ ରହିବେ ଏବଂ ପୁନଃନିଯୁକ୍ତି ପାଇଁ ଯୋଗ୍ୟ ବୋଲି ବିବେଚିତ ହୋଇପାରିବେ ନାହିଁ ।

ପରନ୍ତୁ, କୌଣସି ମୁଖ୍ୟ ସୂଚନା କମିଶନର୍ ପଞ୍ଚଷଠି ବର୍ଷରେ ପହଞ୍ଚିଲେ ତାଙ୍କ ପଦବୀରେ ରହି ପାରିବେ ନାହିଁ ।

(2) ପ୍ରତି ସୂଚନା କମିଶନର୍ ପଦଗ୍ରହଣ ତାରିଖ ଠାରୁ ପାଞ୍ଚବର୍ଷ କାର୍ଯ୍ୟକାଳ ପାଇଁ ଅଥବା ପଞ୍ଚଷଠି ବର୍ଷରେ ପହଞ୍ଚିବା ପର୍ଯ୍ୟନ୍ତ,ଏହି ଦୁଇଟି ଭିତରୁ ଯେଉଁଟା ପୂର୍ବବର୍ତ୍ତୀ ହେବ, ସେ ପର୍ଯ୍ୟନ୍ତ ତାଙ୍କ ପଦବୀରେ ରହିବେ, ଏବଂ ସେ ସୂଚନା କମିଶନର୍ ପଦବୀରେ ପୁନଃନିଯୁକ୍ତ ହୋଇ ପାରିବେ ନାହିଁ:

ପରନ୍ତୁ, ଜଣେ ସୂଚନା କମିଶନର୍ ଏହି ଉପଧାରା ଅନୁଯାୟୀ ନିଜ ପଦବୀ ଛାଡିବା ପରେ ଧାରା 12 ଅନ୍ତର୍ଗତ ଉପଧାରା (3)ରେ ବିନିର୍ଦ୍ଦିଷ୍ଟ ହୋଇଥିବା ପଦ୍ଧତିରେ ମୁଖ୍ୟ ସୂଚନା କମିଶନର୍ ପଦବୀରେ ନିଯୁକ୍ତି ପାଇଁ ଯୋଗ୍ୟ ବିବେଚିତ ହୋଇପାରନ୍ତି ।

ପୁଣି ପରନ୍ତୁ, ଯେଉଁସ୍ଥଳେ ଜଣେ ସୂଚନା କମିଶନର୍ ମୁଖ୍ୟ ସୂଚନା କମିଶନର୍ ରୂପେ ନିଯୁକ୍ତ ହେବେ, ସେପରି ସ୍ଥଳେ ସୂଚନା କମିଶନର୍ ଓ ମୁଖ୍ୟ ସୂଚନା କମିଶନର୍ ଭାବେ ତାଙ୍କ ପଦବୀର କାର୍ଯ୍ୟକାଳ ମୋଟ୍ ପାଞ୍ଚବର୍ଷ ଠାରୁ ଅଧିକ ହେବନାହିଁ ।

(3) ମୁଖ୍ୟ ସୂଚନା କମିଶନର୍ ବା ସୂଚନା କମିଶନର୍ ନିଜ ପଦବୀ ଗ୍ରହଣ ପୂର୍ବରୁ ରାଷ୍ଟ୍ରପତି ବା ତାଙ୍କ ଦ୍ୱାରା ଏହି ଉଦ୍ଦେଶ୍ୟରେ ନିଯୁକ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ପ୍ରଥମ ସାରଣୀରେ ଏହି ଉଦ୍ଦେଶ୍ୟରେ ବିନିର୍ଦ୍ଦିଷ୍ଟ ହୋଇଥିବା ରୀତିରେ ଶପଥ ପାଠ କରିବେ ଏବଂ ସେଥିରେ ନିଜର ସ୍ୱାକ୍ଷର ପ୍ରଦାନ କରିବେ ।

(4) ମୁଖ୍ୟ ସୂଚନା କମିଶନର୍ ବା ଜଣେ ସୂଚନା କମିଶନର୍ ଯେ କୌଣସି ମୁହୂର୍ତ୍ତରେ ରାଷ୍ଟ୍ରପତିଙ୍କୁ ସମ୍ବୋଧନ କରି ନିଜ ହସ୍ତଲେଖା ଜରିଆରେ ତାଙ୍କ ପଦବୀରୁ ଇସ୍ତଫା ଦେଇ ପାରନ୍ତି :

ପରନ୍ତୁ, ମୁଖ୍ୟ ସୂଚନା କମିଶନର୍ ବା ସୂଚନା କମିଶନର୍‌ଙ୍କୁ ଧାରା 14ରେ ବିନିର୍ଦ୍ଦିଷ୍ଟ ରୀତିରେ ପଦଚ୍ୟୁତ କରାଯାଇ ପାରିବ ।

(5) ନିମ୍ନୋକ୍ତ ପଦାଧିକାରୀଙ୍କ ପ୍ରାପ୍ୟ ବେତନ ଓ ଭତ୍ତା ତଥା ସେବା ସର୍ତ୍ତାବଳୀ –

(a) ମୁଖ୍ୟ ସୂଚନା କମିଶନର୍‌ଙ୍କର ହେବ ମୁଖ୍ୟ ନିର୍ବାଚନ କମିଶନର୍‌ଙ୍କ ସମତୁଲ୍ୟ ;

(b) ସୂଚନା କମିଶନର୍‌ଙ୍କର ହେବ ନିର୍ବାଚନ କମିଶନର୍‌ଙ୍କ ସମତୁଲ୍ୟ :

ପରନ୍ତୁ, ଯଦି ମୁଖ୍ୟ ସୂଚନା କମିଶନର୍ ବା ଜଣେ ସୂଚନା କମିଶନର୍ ନିଜ ନିଯୁକ୍ତି ସମୟରେ ଭାରତ ସରକାରଙ୍କ ଅଧୀନରେ ବା କୌଣସି ରାଜ୍ୟ ସରକାରଙ୍କ ଅଧୀନରେ ଅତୀତରେ କୌଣସି ସେବା ବାବଦରେ କୌଣସି ପେନ୍‌ସନ୍ (ଯାହାକି ଅକ୍ଷମତା ବା ଆଘାତ ପେନ୍‌ସନ୍‌ଠାରୁ ଭିନ୍ନ) ପାଉଥାନ୍ତି, ତେବେ ମୁଖ୍ୟ ସୂଚନା କମିଶନର୍ ବା ସୂଚନା କମିଶନର୍ ଭାବେ ତାଙ୍କର ସେବା ବାବଦରେ ପ୍ରାପ୍ୟ ବେତନରୁ, ସେହି ପେନ୍‌ସନ୍, ଯାହା ଭିତରେ ପେନ୍‌ସନ୍‌ର ଏଭଳି ଏକ ଅଂଶ ଥାଇପାରେ ଯାହାକୁ ସାରାଂଶୀକୃତ (କମ୍ୟୁଟେଡ୍) କରାଯାଇଛି ଏବଂ ଅନ୍ୟାନ୍ୟ ଅବସରକାଳୀନ ଆନୁତୋଷିକ (ଗ୍ରାଚୁଇଟି)ର ସମତୁଲ୍ୟ ପେନ୍‌ସନ୍‌କୁ ଛାଡି ଅନ୍ୟ ଅବସରକାଳୀନ ସୁବିଧା (ବେନଫିଟ୍)ର ସମତୁଲ୍ୟ ପେନ୍‌ସନ୍‌କୁ ବାଦ୍ ଦିଆଯିବ :

ପୁଣି ପରନ୍ତୁ, ଯଦି ମୁଖ୍ୟ ସୂଚନା କମିଶନର୍ ବା ଜଣେ ସୂଚନା କମିଶନର୍ ନିଜ ନିଯୁକ୍ତି ସମୟରେ କୌଣସି କେନ୍ଦ୍ରୀୟ ବା ରାଜ୍ୟ ଆଇନ୍ ଦ୍ୱାରା ବା ସେମାନଙ୍କ ଅଧୀନରେ ସ୍ଥାପିତ କୌଣସି ନିଗମରେ ବା କେନ୍ଦ୍ର କି ରାଜ୍ୟ ସରକାରଙ୍କ ମାଲିକାନା ବା ନିୟନ୍ତ୍ରଣରେ ପରିଚାଳିତ ଏକ ସରକାରୀ କମ୍ପାନିରେ ଅତୀତରେ ପ୍ରଦତ୍ତ ସେବା ବାବଦରେ କୌଣସି ପେନ୍‌ସନ୍ ପାଉଥାନ୍ତି, ତେବେ ମୁଖ୍ୟ ସୂଚନା କମିଶନର୍ ବା ସୂଚନା କମିଶନର୍ ଭାବେ ତାଙ୍କର ସେବା ବାବଦରେ ପ୍ରାପ୍ୟ ବେତନରୁ, ଅବସରକାଳୀନ ସୁବିଧା (ବେନିଫିଟ୍)ର ସମତୁଲ୍ୟ ପେନ୍‌ସନ୍‌କୁ ବାଦ୍ ଦିଆଯିବ :

ପୁଣି ମଧ୍ୟ ପରନ୍ତୁ, ମୁଖ୍ୟ ସୂଚନା କମିଶନର୍ ବା ଜଣେ ସୂଚନା କମିଶନରଙ୍କ ନିଯୁକ୍ତି ପରେ ସେମାନଙ୍କର ହାନି ହେଲାଭଳି ସେମାନଙ୍କ ବେତନ, ଭତ୍ତା ଏବଂ ସେବା ବାବଦ ଅନ୍ୟାନ୍ୟ ସର୍ତ୍ତାବଳୀରେ କୌଣସି ଅଦଳବଦଳ କରାଯିବ ନାହିଁ ।

(6) ମୁଖ୍ୟ ସୂଚନା କମିଶନର୍ ବା ସୂଚନା କମିଶନର୍‌ମାନେ ଏହି ଆଇନ୍ ଅନୁସାରେ ଫଳପ୍ରଦ ଭାବେ ଯେପରି ନିଜର କାର୍ଯ୍ୟ ତୁଲାଇବେ, ସେହି ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ସେମାନଙ୍କୁ ଆବଶ୍ୟକ ମୁତାବକ ଅଧିକାରୀ ଓ କର୍ମଚାରୀ ଯୋଗାଇ ଦେବେ, ଏବଂ ଏହି ଆଇନ୍‌ର ପ୍ରୟୋଜନାର୍ଥେ ନିଯୁକ୍ତ ହୋଇଥିବା ଅଧିକାରୀ ଓ କର୍ମଚାରୀମାନଙ୍କ ପ୍ରାପ୍ୟ ବେତନ ଓ ଭତ୍ତା ତଥା ସେବା ସର୍ତ୍ତାବଳୀ ତାହାହିଁ ହେବ, ଯାହାକୁ ବିହିତ କରାଯାଇ ପାରେ।

## 14. କେନ୍ଦ୍ରୀୟ ମୁଖ୍ୟ ସୂଚନା କମିଶନର୍ ବା କେନ୍ଦ୍ରୀୟ ସୂଚନା କମିଶନରଙ୍କ ଅପସାରଣ-

(1) ଉପଧାରା (3) ଅଧୀନସ୍ଥ ପ୍ରାବ୍‌ଧାନଗୁଡିକର ସାପେକ୍ଷତା ବଜାୟ ରଖି, ମୁଖ୍ୟ ସୂଚନା କମିଶନର୍ ବା କୌଣସି ସୂଚନା କମିଶନରଙ୍କୁ ତାଙ୍କ ପଦବୀରୁ ଅସଦାଚାର ବା ଅସମର୍ଥତାର ସୁପ୍ରମାଣିତ ଆଧାର ଭିତ୍ତିରେ କେବଳ ରାଷ୍ଟ୍ରପତିଙ୍କ ଆଦେଶ ବଳରେ ଅପସାରଣ କରାଯାଇ ପାରିବ, ଯେତେବେଳେ କି ସୁପ୍ରିମ୍ କୋର୍ଟ ରାଷ୍ଟ୍ରପତିଙ୍କ ଦ୍ୱାରା ସୂଚିତ ହୋଇ ଏକ ଯାଞ୍ଚ କରିବା ପରେ ରିପୋର୍ଟ ଦେଇଛନ୍ତି ଯେ, ଯଥାସ୍ଥିତି ମୁଖ୍ୟ ସୂଚନା କମିଶନର୍ ବା ସୂଚନା କମିଶନରଙ୍କୁ ଉକ୍ତ ଆଧାର ଉପରେ ଅପସାରଣ କରାଯିବା ଉଚିତ୍ ।

(2) ଯେଉଁସ୍ଥଳେ ମୁଖ୍ୟ ସୂଚନା କମିଶନର୍ ବା ସୂଚନା କମିଶନରଙ୍କ ବିରୁଦ୍ଧରେ ଉପଧାରା(1) ଅନୁଯାୟୀ ସୁପ୍ରିମ୍ କୋର୍ଟଙ୍କୁ ସୂଚିତ କରାଯାଇଛି, ସୁପ୍ରିମ୍ କୋର୍ଟଙ୍କ ରିପୋର୍ଟ ଭିତ୍ତିରେ ରାଷ୍ଟ୍ରପତିଙ୍କ ଆଦେଶ ପ୍ରକାଶ ହେବା ପର୍ଯ୍ୟନ୍ତ ରାଷ୍ଟ୍ରପତି ତାଙ୍କୁ ପଦବୀରୁ ନିଲମ୍ବନ କରିପାରିବେ ଏବଂ ଆବଶ୍ୟକ ପଡିଲେ ତଦନ୍ତ ଚାଲୁଥିବା ସମୟରେ ତାଙ୍କୁ ଅଫିସ୍‌ରେ ଯୋଗଦାନ କରିବାରୁ ବାରଣ କରିପାରିବେ ।

(3) ଉପଧାରା (1)ରେ ଯାହା ଥାଉନା କାହିଁକି, ରାଷ୍ଟ୍ରପତି ଆଦେଶ ବଳରେ ମୁଖ୍ୟ ସୂଚନା କମିଶନର୍ ବା ଯେ କୌଣସି ସୂଚନା ମିଶନରଙ୍କୁ ଅପସାରଣ କରିପାରିବେ, ଯଦି ଯଥାସ୍ଥିତି ମୁଖ୍ୟ ସୂଚନା କମିଶନର୍ ବା ଜଣେ ସୂଚନା କମିଶନର୍ –

- (a) ଦେବାଳିଆ ବୋଲି ନ୍ୟାୟାଳୟରେ ଘୋଷିତ ହୁଅନ୍ତି ;
- (b) ଏଭଳି ଏକ ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି, ଯାହାକି ରାଷ୍ଟ୍ରପତିଙ୍କ ମତରେ ନୈତିକ ଭ୍ରଷ୍ଟତା ସହ ଜଡିତ;
- (c) ନିଜ ପଦବୀର କାର୍ଯ୍ୟକାଳ ଭିତରେ, ପଦବୀ-ଜନିତ କର୍ତ୍ତବ୍ୟର ପରିସର ବାହାରେ କୌଣସି ବୈତନିକ ନିଯୁକ୍ତିରେ ଜଡିତ ଥାଆନ୍ତି ; କିମ୍ବା
- (d) ରାଷ୍ଟ୍ରପତିଙ୍କ ମତରେ ଶାରିରୀକ ବା ମାନସିକ ଅକ୍ଷମତା କାରଣରୁ ପଦବୀରେ କାଏମ୍ ରହିବା ପାଇଁ ଅଯୋଗ୍ୟ ;
- (e) ଏଭଳି ଆର୍ଥିକ ବା ଅନ୍ୟାନ୍ୟ ବ୍ୟକ୍ତିସ୍ୱାର୍ଥ ଅର୍ଜନ କରିଛନ୍ତି, ଯାହାକି ମୁଖ୍ୟ ସୂଚନା କମିଶନର୍ ବା ଜଣେ ସୂଚନା କମିଶନର୍ ଭାବେ ତାଙ୍କର କାର୍ଯ୍ୟଧାରା ଉପରେ ବିରୂପ ପ୍ରଭାବ ପକାଇବ ।

(4) ଯଦି ମୁଖ୍ୟ ସୂଚନା କମିଶନର୍ ବା ଜଣେ ସୂଚନା କମିଶନର୍ ଗୋଟିଏ ପଞ୍ଜୀକୃତ କମ୍ପାନୀର ସଭ୍ୟ ନହୋଇ ବି ଏହାର ଅନ୍ୟ ସଭ୍ୟମାନଙ୍କ ଭଳି ଭାରତ ସରକାରଙ୍କ ଦ୍ୱାରା ବା ଭାରତ ସରକାରଙ୍କ ତରଫରୁ ସମ୍ପାଦିତ ହୋଇଥିବା କୌଣସି ଠିକା ବା ଚୁକ୍ତିନାମା ସହ କୌଣସି ନା କୌଣସି ପ୍ରକାରେ ଜଡିତ ବା ସ୍ୱାର୍ଥାଗ୍ରହୀ ହୁଅନ୍ତି ବା ଏଥିରୁ ସୃଷ୍ଟ ମୁନାଫା ବା ସୁବିଧାସୁଯୋଗରୁ ନିଜର ଭାଗ ନିଅନ୍ତି, ତେବେ ଉପଧାରା (1) ର ପ୍ରୟୋଜନାର୍ଥେ ସେ ଅସଦାଚାରରେ ଦୋଷୀ ବୋଲି ବିବେଚିତ ହେବେ ।

## ଅଧ୍ୟାୟ-4: ରାଜ୍ୟ ସୂଚନା କମିଶନ୍

**15. ରାଜ୍ୟ ସୂଚନା କମିଶନ୍ ଗଠନ-**

(1) ପ୍ରତି ରାଜ୍ୟ ସରକାର ସରକାରୀ ଗେଜେଟ୍‌ରେ ବିଜ୍ଞପ୍ତି ପୂର୍ବକ . . . . (ରାଜ୍ୟର ନାମ) ସୂଚନା କମିଶନ୍ ନାମକ ଏକ ସଂସ୍ଥା ଗଠନ କରିବେ, ଯେଉଁ କମିଶନ୍ ଏହି ଆଇନ୍ ଅଧୀନରେ ତାଙ୍କ ଉପରେ ଅର୍ପିତ କ୍ଷମତାକୁ ପ୍ରୟୋଗ ଏବଂ ନ୍ୟସ୍ତ କାର୍ଯ୍ୟାବଳୀକୁ ସମ୍ପାଦନ କରିବେ ।

(2) ରାଜ୍ୟ ସୂଚନା କମିଶନ୍ ନିମ୍ନୋକ୍ତଙ୍କୁ ନେଇ ଗଠିତ ହେବ-

(a) ରାଜ୍ୟ ମୁଖ୍ୟ ସୂଚନା କମିଶନର, ଏବଂ

(b) ସର୍ବାଧିକ ୧୦କୁ ନଟପି ସେତିକି ସଂଖ୍ୟକ ରାଜ୍ୟ ସୂଚନା କମିଶନର, ଯାହାକି ଆବଶ୍ୟକ ବିବେଚିତ ହେବ ।

(3) ନିମ୍ନୋକ୍ତଙ୍କୁ ନେଇ ଗଠିତ ଏକ କମିଟିର ସୁପାରିଶ୍ ଭିତ୍ତିରେ ରାଜ୍ୟ ମୁଖ୍ୟ ସୂଚନା କମିଶନର୍ ଏବଂ ରାଜ୍ୟ ସୂଚନା କମିଶନର୍‌ମାନେ ରାଜ୍ୟପାଳଙ୍କ ଦ୍ୱାରା ନିଯୁକ୍ତ ହେବେ-

(i) ମୁଖ୍ୟମନ୍ତ୍ରୀ, ଯେ କି କମିଟିର ଅଧ୍ୟକ୍ଷ ରହିବେ;

(ii) ବିଧାନସଭାରେ ଥିବା ବିରୋଧୀ ଦଳ ନେତା; ଏବଂ

(iii) ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମନୋନୀତ ଜଣେ କ୍ୟାବିନେଟ୍ ମନ୍ତ୍ରୀ ।

ସ୍ପଷ୍ଟୀକରଣ- ସମସ୍ତ ପ୍ରକାର ସନ୍ଦେହର ନିବାରଣ ପାଇଁ ଏକଥା ଏଠାରେ ଘୋଷଣା କରାଯାଉଛି ଯେ, ଯେଉଁସ୍ଥଳେ ବିଧାନସଭାରେ ବିରୋଧୀ ଦଳ ନେତା ରୂପେ କାହାରିକୁ ମାନ୍ୟତା ଦିଆଯାଇ ନଥିବ, ସେପରି ସ୍ଥଳେ ବିଧାନସଭାରେ ସରକାରଙ୍କ ବିପକ୍ଷରେ ଥିବା ଏକକ ବୃହତ୍ତମ ଗୋଷ୍ଠୀର ନେତାଙ୍କୁ ବିରୋଧୀ ଦଳର ନେତା ରୂପେ ବିବେଚନା କରାଯିବ ।

(4) ରାଜ୍ୟ ସୂଚନା କମିଶନ୍‌ଙ୍କ ବ୍ୟାପାରଗୁଡ଼ିକର ସାଧାରଣ ଅଧୀକ୍ଷଣ, ନିର୍ଦ୍ଦେଶନା ଓ ପରିଚାଳନା ରାଜ୍ୟ ମୁଖ୍ୟ ସୂଚନା କମିଶନର୍‌ଙ୍କ ଉପରେ ନ୍ୟସ୍ତ ରହିବ, ଯାହାଙ୍କୁ ସହାୟତା କରିବେ ରାଜ୍ୟ ସୂଚନା କମିଶନର୍‌ମାନେ ଏବଂ ଯେ କି ଏମିତି ସବୁ କ୍ଷମତାର ପ୍ରୟୋଗ କରିବେ ଓ ଏମିତି ସବୁ କାର୍ଯ୍ୟ ଓ ଆଚରଣ କରିବେ, ଯାହା ଫଳରେ ରାଜ୍ୟ ସୂଚନା କମିଶନ୍ ଏହି ଆଇନ୍‌ରେ ସୂଚିତ ଅନ୍ୟ କୌଣସି କର୍ତ୍ତୃପକ୍ଷର ନିର୍ଦ୍ଦେଶରେ ପରିଚାଳିତ ନହୋଇ ସ୍ୱୟଂଚାଳିତ ଭାବେ ସେହିସବୁ କ୍ଷମତାର ପ୍ରୟୋଗ ଓ କାର୍ଯ୍ୟାବଳୀର ସମ୍ପାଦନ କରିପାରୁଥିବେ ।

(5) ରାଜ୍ୟ ମୁଖ୍ୟ ସୂଚନା କମିଶନର୍ ଓ ରାଜ୍ୟ ସୂଚନା କମିଶନର୍‌ମାନେ ଆଇନ୍, ବିଜ୍ଞାନ ଓ ପ୍ରଯୁକ୍ତି-ବିଦ୍ୟା, ସମାଜସେବା, ପ୍ରବନ୍ଧନ, ସାମ୍ବାଦିକତା, ଗଣମାଧ୍ୟମ, ପ୍ରଶାସନ ବା ଶାସନକାର୍ଯ୍ୟରେ ବ୍ୟାପକ ଜ୍ଞାନାର୍ଜନ ଓ ଅନୁଭୂତି ଆହରଣ ପାଇଁ ସର୍ବସାଧାରଣ କ୍ଷେତ୍ରରେ ସୁପରିଚିତ ବ୍ୟକ୍ତି ହୋଇଥିବେ ।

(6) ରାଜ୍ୟ ମୁଖ୍ୟ ସୂଚନା କମିଶନର୍ ବା ଜଣେ ରାଜ୍ୟ ସୂଚନା କମିଶନର୍ ଯଥାସ୍ଥିତି ସଂସଦ ବା ରାଜ୍ୟ ବା କେନ୍ଦ୍ରାଞ୍ଚଳ ଆଇନ୍-ସଭାର ସଭ୍ୟ ହୋଇନଥିବେ, କୌଣସି ଲାଭଜନକ ପଦବୀରେ ନଥିବେ, କୌଣସି ରାଜନୈତିକ ଦଳ ସହିତ ଜଡ଼ିତ ହୋଇନଥିବେ, କୌଣସି ବ୍ୟବସାୟ କରୁନଥିବେ କି କୌଣସି ନିର୍ଦ୍ଦିଷ୍ଟ ବୃତ୍ତି ଅନୁସରଣ କରୁନଥିବେ ।

(7) ରାଜ୍ୟ ସୂଚନା କମିଶନ୍‌ର ମୁଖ୍ୟ କାର୍ଯ୍ୟାଳୟ ରାଜ୍ୟ ଭିତରେ ସେହି ସ୍ଥାନରେ ରହିବ, ଯାହାକି ରାଜ୍ୟ ସରକାରଙ୍କ ଦ୍ୱାରା ସରକାରୀ ଗେଜେଟ୍‌ରେ ବିଜ୍ଞପ୍ତି ପୂର୍ବକ ବିନିର୍ଦ୍ଦିଷ୍ଟ ହୋଇଥିବ ଏବଂ ରାଜ୍ୟ ସରକାରଙ୍କ ପୂର୍ବାନୁମତି କ୍ରମେ ରାଜ୍ୟ ସୂଚନା କମିଶନ୍ ରାଜ୍ୟର ଅନ୍ୟ ସ୍ଥାନମାନଙ୍କରେ ତାଙ୍କର କାର୍ଯ୍ୟାଳୟମାନ ପ୍ରତିଷ୍ଠା କରିପାରନ୍ତି ।

**16. ପଦବିଧି ଓ ସେବା ସର୍ତ୍ତାବଳୀ-**

(1) ରାଜ୍ୟ ମୁଖ୍ୟ ସୂଚନା କମିଶନର୍ ପଦଗ୍ରହଣ ତାରିଖଠାରୁ ପାଞ୍ଚବର୍ଷ କାର୍ଯ୍ୟକାଳ ପାଇଁ ତାଙ୍କ ପଦବୀରେ ରହିବେ ଏବଂ ପୁନଃନିଯୁକ୍ତି ପାଇଁ ଯୋଗ୍ୟ ବୋଲି ବବେଚିତ ହୋଇ ପାରିବେ ନାହିଁ ।

ପରନ୍ତୁ, କୌଣସି ରାଜ୍ୟ ମୁଖ୍ୟ ସୂଚନା କମିଶନର୍ ପଞ୍ଚଷଠି ବର୍ଷରେ ପହଞ୍ଚିଲା ପରେ ତାଙ୍କ ପଦବୀରେ ରହି ପାରିବେ ନାହିଁ ।

(2) ପ୍ରତି ରାଜ୍ୟ ସୂଚନା କମିଶନର୍ ପଦଗ୍ରହଣ ତାରିଖଠାରୁ  ପାଞ୍ଚବର୍ଷ କାର୍ଯ୍ୟକାଳ ପାଇଁ ଅଥବା ପଞ୍ଚଷଠି ବର୍ଷରେ ପହଞ୍ଚିବା ପର୍ଯ୍ୟନ୍ତ,ଏହି ଦୁଇଟି ଭିତରୁ ଯେଉଁଟା ପୂର୍ବବର୍ତ୍ତୀ ହେବ, ସେ ପର୍ଯ୍ୟନ୍ତ ତାଙ୍କ ପଦବୀରେ ରହିବେ, ଏବଂ ରାଜ୍ୟ ସୂଚନା କମିଶନର୍ ପଦବୀରେ ପୁନଃନିଯୁକ୍ତ ହୋଇ ପାରିବେ ନାହିଁ :

ପରନ୍ତୁ, ଜଣେ ରାଜ୍ୟ ସୂଚନା କମିଶନର୍ ଏହି ଉପଧାରା ଅନୁଯାୟୀ ନିଜ ପଦବୀ ଛାଡିବା ପରେ ଧାରା 15 ଅନ୍ତର୍ଗତ ଉପଧାରା (3)ରେ ବିନିର୍ଦ୍ଦିଷ୍ଟ ହୋଇଥିବା ପଦ୍ଧତିରେ ମୁଖ୍ୟ ରାଜ୍ୟ ସୂଚନା କମିଶନର୍ ପଦବୀରେ ନିଯୁକ୍ତି ପାଇଁ ଯୋଗ୍ୟ ବିବେଚିତ ହୋଇପାରନ୍ତି :

ପୁଣି ପରନ୍ତୁ, ଯେଉଁସ୍ଥଳେ ଜଣେ ରାଜ୍ୟ ସୂଚନା କମିଶନର୍ ରାଜ୍ୟ ମୁଖ୍ୟ ସୂଚନା କମିଶନର୍ ରୂପେ ନିଯୁକ୍ତ ହେବେ, ସେପରି ସ୍ଥଳେ ରାଜ୍ୟ ସୂଚନା କମିଶନର୍ ଓ ମୁଖ୍ୟ ରାଜ୍ୟ ସୂଚନା କମିଶନର୍ ଭାବେ ତାଙ୍କ ପଦବୀର ମୋଟ କାର୍ଯ୍ୟକାଳ 5ବର୍ଷ ଠାରୁ ଅଧିକ ହେବନାହିଁ ।

(3) ରାଜ୍ୟ ମୁଖ୍ୟ ସୂଚନା କମିଶନର୍ ବା ରାଜ୍ୟ ସୂଚନା କମିଶନର୍ ନିଜ ପଦବୀ ଗ୍ରହଣ ପୂର୍ବରୁ ରାଜ୍ୟପାଳ ବା ତାଙ୍କ ଦ୍ୱାରା ଉଦ୍ଦିଷ୍ଟ କାରଣ ପାଇଁ ନିଯୁକ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ପ୍ରଥମ ସାରଣୀରେ ଏହି ଉଦ୍ଦେଶ୍ୟରେ ବିନିର୍ଦ୍ଦିଷ୍ଟ ହୋଇଥିବା ରୀତିରେ ଶପଥ ପାଠ କରିବେ ଏବଂ ସେଥିରେ ନିଜର ସ୍ୱାକ୍ଷର ପ୍ରଦାନ କରିବେ ।

(4) ରାଜ୍ୟ ମୁଖ୍ୟ ସୂଚନା କମିଶନର୍ ବା ଜଣେ ରାଜ୍ୟ ସୂଚନା କମିଶନର୍ ଯେ କୌଣସି ମୁହୂର୍ତ୍ତରେ ଭସହ ହସ୍ତଲେଖା ଜରିଆରେ ରାଜ୍ୟପାଳଙ୍କୁ ସମ୍ବୋଧନ କରି ତାଙ୍କ ପଦବୀରୁ ଇସ୍ତଫା ଦେଇ ପାରନ୍ତି :

ପରନ୍ତୁ, ରାଜ୍ୟ ମୁଖ୍ୟ ସୂଚନା କମିଶନର୍ ବା ରାଜ୍ୟ ସୂଚନା କମିଶନର୍ଙ୍କୁ ଧାରା 17ରେ ବିନିର୍ଦ୍ଦିଷ୍ଟ ରୀତିରେ ଅପସାରଣ କରାଯାଇପାରିବ ।

(5) ନିମ୍ନୋକ୍ତ ପଦାଧିକାରୀଙ୍କ ପ୍ରାପ୍ୟ ବେତନ ଓ ଭତ୍ତା ତଥା ସେବା ସର୍ତ୍ତାବଳୀ –

(a) ରାଜ୍ୟ ମୁଖ୍ୟ ସୂଚନା କମିଶନର୍ଙ୍କର ହେବ ନିର୍ବାଚନ କମିଶନର୍ଙ୍କ ସମତୁଲ୍ୟ ;

(b) ରାଜ୍ୟ ସୂଚନା କମିଶନର୍ଙ୍କର ହେବ ରାଜ୍ୟସରକାରଙ୍କ ମୁଖ୍ୟ ଶାସନ-ସଚିବଙ୍କ ସମତୁଲ୍ୟ :

ପରନ୍ତୁ, ଯଦି ରାଜ୍ୟ ମୁଖ୍ୟ ସୂଚନା କମିଶନର୍ ବା ଜଣେ ରାଜ୍ୟ ସୂଚନା କମିଶନର୍ ନିଜ ନିଯୁକ୍ତି ସମୟରେ ଭାରତ ସରକାରଙ୍କ ଅଧୀନରେ ବା କୌଣସି ରାଜ୍ୟ ସରକାରଙ୍କ ଅଧୀନରେ ଅତୀତରେ କୌଣସି ସେବା ବାବଦରେ କୌଣସି ପେନ୍‌ସନ୍ (ଯାହାକି ଅକ୍ଷମତା ବା ଆଘାତ ପେନ୍‌ସନ୍ ଠାରୁ ଭିନ୍ନ) ପାଉଥାନ୍ତି, ତେବେ ରାଜ୍ୟ ମୁଖ୍ୟ ସୂଚନା କମିଶନର୍ ବା ରାଜ୍ୟ ସୂଚନା କମିଶନର୍ ଭାବେ ତାଙ୍କର ସେବା ବାବଦରେ ପ୍ରାପ୍ୟ ବେତନରୁ, ସେହି ପେନ୍‌ସନ୍, ଯାହା ଭିତରେ ପେନ୍‌ସନ୍‌ର ଏଭଳି ଏକ ଅଂଶ ଥାଇପାରେ ଯାହାକୁ ସାରାଂଶୀକୃତ (କମ୍ୟୁଟେଡ୍) କରାଯାଇଛି ଏବଂ ଅନ୍ୟାନ୍ୟ ଅବସରକାଳୀନ ଆନୁତୋଷିକ (ଗ୍ରାଚୁଇଟି)ର ସମତୁଲ୍ୟ ପେନ୍‌ସନ୍‌କୁ ଛାଡି ଅନ୍ୟ ଅବସରକାଳୀନ ସୁବିଧା (ବେନଫିଟ୍)ର ସମତୁଲ୍ୟ ପେନ୍‌ସନ୍‌କୁ ବାଦ୍ ଦିଆଯିବ :

ପୁଣି ପରନ୍ତୁ, ଯଦି ରାଜ୍ୟ ମୁଖ୍ୟ ସୂଚନା କମିଶନର୍ ବା ଜଣେ ରାଜ୍ୟ ସୂଚନା କମିଶନର୍ ନିଜ ନିଯୁକ୍ତି ସମୟରେ କୌଣସି କେନ୍ଦ୍ରୀୟ ବା ରାଜ୍ୟ ଆଇନ୍ ଦ୍ୱାରା ବା ସେମାନଙ୍କ ଅଧୀନରେ ସ୍ଥାପିତ କୌଣସି ନିଗମରେ ବା କେନ୍ଦ୍ର କି ରାଜ୍ୟ ସରକାରଙ୍କ ମାଲିକାନା ବା ନିୟନ୍ତ୍ରଣରେ ପରିଚାଳିତ ଏକ ସରକାରୀ କମ୍ପାନିରେ ଅତୀତରେ ପ୍ରଦତ୍ତ ସେବା ବାବଦରେ କୌଣସି ପେନ୍‌ସନ୍ ପାଉଥାନ୍ତି, ତେବେ ରାଜ୍ୟ ମୁଖ୍ୟ ସୂଚନା କମିଶନର୍ ବା ରାଜ୍ୟ ସୂଚନା କମିଶନର୍ ଭାବେ ତାଙ୍କର ସେବା ବାବଦରେ ପ୍ରାପ୍ୟ ବେତନରୁ ଅବସରକାଳୀନ ସୁବିଧା (ବେନିଫିଟ୍)ର ସମତୁଲ୍ୟ ପେନ୍‌ସନ୍‌କୁ ବାଦ୍ ଦିଆଯିବ :

ପୁଣି ମଧ୍ୟ ପରନ୍ତୁ, ରାଜ୍ୟ ମୁଖ୍ୟ ସୂଚନା କମିଶନର୍ ବା ଜଣେ ରାଜ୍ୟ ସୂଚନା କମିଶନର୍ଙ୍କ ନିଯୁକ୍ତି ପରେ ସେମାନଙ୍କର ହାନି ହେଲାଭଳି ସେମାନଙ୍କ ବେତନ, ଭତ୍ତା ଏବଂ ସେବା ବାବଦ ଅନ୍ୟାନ୍ୟ ସର୍ତ୍ତାବଳୀରେ କୌଣସି ଅଦଳବଦଳ କରାଯିବ ନାହିଁ ।

(6) ରାଜ୍ୟ ମୁଖ୍ୟ ସୂଚନା କମିଶନର୍ ବା ରାଜ୍ୟ ସୂଚନା କମିଶନର୍‌ମାନେ ଏହି ଆଇନ୍ ଅନୁସାରେ ଫଳପ୍ରଦ ଭାବେ ଯେପରି ନିଜର କାର୍ଯ୍ୟ ତୁଲାଇବେ, ସେହି ଉଦ୍ଦେଶ୍ୟରେ ରାଜ୍ୟ ସରକାର ସେମାନଙ୍କୁ  ଆବଶ୍ୟକ ମୁତାବକ ଅଧିକାରୀ ଓ କର୍ମଚାରୀ ଯୋଗାଇ

ଦେବେ, ଏବଂ ଏହି ଆଇନ୍‌ର ପ୍ରୟୋଜନାର୍ଥେ ନିଯୁକ୍ତ ଅଧିକାରୀ ଓ କର୍ମଚାରୀମାନଙ୍କ ପ୍ରାପ୍ୟ ବେତନ ଓ ଭତ୍ତା ତଥା ସେବା ସର୍ତ୍ତାବଳୀ ବିଧିମତେ ସ୍ଥିର ହେବ ।

**17. ରାଜ୍ୟ ମୁଖ୍ୟ ସୂଚନା କମିଶନର୍ ବା ରାଜ୍ୟ ସୂଚନା କମିଶନରଙ୍କ ଅପସାରଣ-**

(1) ଉପଧାରା (3)ରେ ଥିବା ପ୍ରାବ୍‌ଧାନଗୁଡିକର ସାପେକ୍ଷତାକୁ ବଜାୟ ରଖି, ରାଜ୍ୟ ମୁଖ୍ୟ ସୂଚନା କମିଶନର୍ ବା କୌଣସି ଜଣେ ରାଜ୍ୟ ସୂଚନା କମିଶନର୍‌ଙ୍କୁ ତାଙ୍କ ପଦବୀରୁ ଅସଦାଚାର ବା ଅସମର୍ଥତାର ସୁପ୍ରମାଣିତ ଆଧାର ଭିତ୍ତିରେ କେବଳ ରାଜ୍ୟପାଳଙ୍କ ଆଦେଶ ବଳରେ ଅପସାରଣ କରାଯାଇ ପାରିବ, ଯେତେବେଳେ କି ସୁପ୍ରିମ୍ କୋର୍ଟ ରାଜ୍ୟପାଳଙ୍କ ଦ୍ୱାରା ସୂଚିତ ହୋଇ ଏକ ଯାଞ୍ଚ କଳାପରେ ରିପୋର୍ଟ ଦେଇଛନ୍ତି ଯେ, ଯଥାସ୍ଥିତି ରାଜ୍ୟ ମୁଖ୍ୟ ସୂଚନା କମିଶନର୍ ବା ରାଜ୍ୟ ସୂଚନା କମିଶନର୍‌ଙ୍କୁ ସଂପୃକ୍ତ ଆଧାର ଉପରେ ଅପସାରଣ କରାଯିବା ଉଚିତ୍ ।

(2) ଯେଉଁସ୍ଥଳେ ରାଜ୍ୟ ମୁଖ୍ୟ ସୂଚନା କମିଶନର୍ ବା ରାଜ୍ୟ ସୂଚନା କମିଶନର୍‌ଙ୍କ ବିରୁଦ୍ଧରେ ଉପଧାରା(1) ଅନୁଯାୟୀ ସୁପ୍ରିମ୍ କୋର୍ଟଙ୍କୁ ସୂଚିତ କରାଯାଇଛି, ସୁପ୍ରିମ୍ କୋର୍ଟଙ୍କ ରିପୋର୍ଟ ଭିତ୍ତିରେ ରାଜ୍ୟପାଳଙ୍କ ଆଦେଶ ଜାରି ହେବା ପର୍ଯ୍ୟନ୍ତ, ରାଜ୍ୟପାଳ ତାଙ୍କୁ ପଦବୀରୁ ନିଲମ୍ବନ କରିପାରିବେ ଏବଂ ଆବଶ୍ୟକ ପଡିଲେ ତଦନ୍ତ ଚାଲୁଥିବା ସମୟରେ ତାଙ୍କୁ ଅଫିସ୍‌ରେ ଯୋଗଦାନ କରିବାରୁ ବାରଣ କରିପାରିବେ ।

(3) ଉପଧାରା (1)ରେ ଯାହା ଥାଉନା କାହିଁକି, ରାଜ୍ୟପାଳଙ୍କ ଆଦେଶ ବଳରେ ରାଜ୍ୟ ମୁଖ୍ୟ ସୂଚନା କମିଶନର୍ ବା ଯେ କୌଣସି ରାଜ୍ୟ ସୂଚନା କମିଶନର୍‌ଙ୍କୁ ପଦବୀରୁ ଅପସାରଣ କରାଯାଇ ପାରିବ, ଯଦି ଯଥାସ୍ଥିତି ରାଜ୍ୟ ମୁଖ୍ୟ ସୂଚନା କମିଶନର୍ ବା ଜଣେ ରାଜ୍ୟ ସୂଚନା କମିଶନର୍ –

(a) ଦେବାଳିଆ ବୋଲି ନ୍ୟାୟାଳୟରେ ଘୋଷିତ ହୁଅନ୍ତି ;

(b) ଏଭଳି ଏକ ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି, ଯାହାକି ରାଜ୍ୟପାଳଙ୍କ ମତରେ ନୈତିକ ଭ୍ରଷ୍ଟତା ସହ ଜଡିତ ଅଟେ ;

(c) ନିଜ ପଦବୀର କାର୍ଯ୍ୟକାଳ ଭିତରେ, ପଦବୀ-ଜନିତ କର୍ତ୍ତବ୍ୟର ପରିସର ବାହାରେ କୌଣସି ବୈତନିକ ନିଯୁକ୍ତିରେ ଜଡିତ ଥା'ନ୍ତି;

(d) ରାଜ୍ୟପାଳଙ୍କ ମତରେ ଶାରିରୀକ ବା ମାନସିକ ଅକ୍ଷମତା କାରଣରୁ ପଦବୀରେ କାଏମ୍ ରହିବା ପାଇଁ ଅଯୋଗ୍ୟ ;

(e) ଏଭଳି ଆର୍ଥିକ ବା ଅନ୍ୟାନ୍ୟ ବ୍ୟକ୍ତିସ୍ୱାର୍ଥ ଅର୍ଜ୍ଜନ କରିଛନ୍ତି, ଯାହାକି ରାଜ୍ୟ ମୁଖ୍ୟ ସୂଚନା କମିଶନର୍ ବା ଜଣେ ରାଜ୍ୟ ସୂଚନା କମିଶନର୍ ଭାବେ ତାଙ୍କର କାର୍ଯ୍ୟଧାରା ଉପରେ ବିରୂପ ପ୍ରଭାବ ପକାଇବ ।

(4) ଯଦି ରାଜ୍ୟ ମୁଖ୍ୟ ସୂଚନା କମିଶନର୍ ବା ଜଣେ ରାଜ୍ୟ ସୂଚନା କମିଶନର୍ ଗୋଟିଏ ପଞ୍ଜୀକୃତ କମ୍ପାନୀର ସଭ୍ୟ ନହୋଇ ବି ଏହାର ଅନ୍ୟ ସଭ୍ୟମାନଙ୍କ ଭଳି ରାଜ୍ୟ ସରକାରଙ୍କ ଦ୍ୱାରା ବା ରାଜ୍ୟ ସରକାରଙ୍କ ତରଫରୁ ସମ୍ପାଦିତ ହୋଇଥିବା କୌଣସି ଠିକା ବା ଚୁକ୍ତିନାମା ସହ କୌଣସି ନା କୌଣସି ପ୍ରକାରେ ଜଡିତ ବା ସ୍ୱାର୍ଥାଗ୍ରହୀ ହୁଅନ୍ତି ବା ଏଥିରୁ ସ୍ପଷ୍ଟ ମୁନାଫା ବା ସୁବିଧାସୁଯୋଗରୁ ନିଜର ଭାଗ ନିଅନ୍ତି, ତେବେ ଉପଧାରା(1)ର ପ୍ରୟୋଜନାର୍ଥେ ସେ ଅସଦାଚାରରେ ଦୋଷୀ ବୋଲି ବିବେଚିତ ହେବେ ।

## ଅଧ୍ୟାୟ-5: ସୂଚନା କମିଶନଙ୍କ କ୍ଷମତା ଓ କାର୍ଯ୍ୟାବଳୀ, ଅପିଲ୍ ଏବଂ ଶାସ୍ତିବିଧାନ

**18. ସୂଚନା କମିଶନ୍‌ଙ୍କ କ୍ଷମତା ଓ କାର୍ଯ୍ୟାବଳୀ-**

(1) ଏହି ଆଇନ୍ ଅଧୀନସ୍ଥ ପ୍ରାବ୍‌ଧାନସମୂହର ସାପେକ୍ଷତାକୁ ବଜାୟ ରଖି ଯେ କୌଣସି ବ୍ୟକ୍ତିଙ୍କ ଠାରୁ ଅଭିଯୋଗକୁ ଗ୍ରହଣ କରିବା ଏବଂ ତାକୁ ଯାଞ୍ଚ କରିବା ହେଉଛି ଯଥାସ୍ଥିତି କେନ୍ଦ୍ର ସୂଚନା କମିଶନ୍ ବା ରାଜ୍ୟ ସୂଚନା କମିଶନ୍‌ଙ୍କ କର୍ତ୍ତବ୍ୟ; ଏତାଦୃଶ ଅଭିଯୋଗ ନିମ୍ନୋକ୍ତ ସୂତ୍ରରୁ ଆସିପାରେ-

(a) ଯେଉଁ ବ୍ୟକ୍ତି ଯଥାସ୍ଥିତି କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ ବା ରାଜ୍ୟ ଜନ ସୂଚନା ଅଧିକାରୀଙ୍କ ନିକଟରେ ନିଜର ଆବେଦନ ଜଣାଇବାକୁ ବ୍ୟର୍ଥ ହୋଇଛନ୍ତି, କାରଣ ଏହି ଆଇନ୍ ଅନୁଯାୟୀ ଏତାଦୃଶ ଅଧିକାରୀ ନିଯୁକ୍ତ ହୋଇ ନାହାନ୍ତି, ଅଥବା ଏହି ଆଇନ୍ ଅନୁସାରେ ତାଙ୍କର ସୂଚନା-ପ୍ରାପ୍ତି ବା ଅପିଲ୍ ପାଇଁ ଦରଖାସ୍ତ, ଯାହାକୁ ଯଥାସ୍ଥିତି

କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ ବା ରାଜ୍ୟ ଜନ ସୂଚନା ଅଧିକାରୀ ଧାରା (19) ଅନ୍ତର୍ଗତ ଉପଧାରା(1)ରେ ବିନିର୍ଦ୍ଦିଷ୍ଟ ହୋଇଥିବା ବରିଷ୍ଠ ଅଧିକାରୀ ବା ଯଥାସ୍ଥିତି କେନ୍ଦ୍ରୀୟ ସୂଚନା କମିଶନ୍ ବା ରାଜ୍ୟ ସୂଚନା କମିଶନ୍‌ଙ୍କ ନିକଟକୁ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରେରଣ କରିବା କଥା, ତାକୁ ଗ୍ରହଣ କରିବାକୁ ମନା କରି ଦେଇଛନ୍ତି ;

(b) ଏହି ଆଇନ୍ ଅନୁଯାୟୀ ଯେଉଁ ବ୍ୟକ୍ତି ସୂଚନାପାଇଁ ଅନୁରୋଧ କରିବା ସତ୍ତ୍ୱେ ତାଙ୍କୁ କୌଣସି ପ୍ରକାର ସୂଚନା ଦେବାକୁ ମନା କରାଯାଇଛି;

(c) ସୂଚନା ପାଇବା ଓ ହାସଲ କରିବା ପାଇଁ ଅନୁରୋଧ କରିଥିବା ଯେଉଁ ବ୍ୟକ୍ତିଙ୍କୁ ଏହି ଆଇନ୍‌ରେ ବିନିର୍ଦ୍ଦିଷ୍ଟ ହୋଇଥିବା ସମୟ-ସୀମା ମଧ୍ୟରେ କୌଣସି ଉତ୍ତର ଦିଆଯାଇନି;

(d) ଯେଉଁ ବ୍ୟକ୍ତିଙ୍କୁ ଏଭଳି ଫିସ୍ ଦେବାକୁ ପଡିବ ବୋଲି ବାଧ କରାଯାଇଛି, ଯାହାକି ତାଙ୍କ ମତରେ ଅଯଥାର୍ଥ;

(e) ଯେଉଁ ବ୍ୟକ୍ତି ମନେ କରିବେ ଯେ, ଏହି ଆଇନ୍ ଅଧୀନରେ ତାଙ୍କୁ ଅସଂପୂର୍ଣ୍ଣ, ବିଭ୍ରାନ୍ତିକର ତଥା ମିଥ୍ୟା ସୂଚନା ଦିଆଯାଇଛି;

(f) ଏହି ଆଇନ୍ ଅଧୀନରେ ରେକର୍ଡଗୁଡିକ ସମ୍ବନ୍ଧରେ ଜାଣିବାପାଇଁ ବା ସେଗୁଡିକୁ ହାସଲ କରିବା ପାଇଁ କରାଯାଇଥିବା ଅନୁରୋଧକୁ କେନ୍ଦ୍ର କରି ଅନ୍ୟ ଯେ କୌଣସି ବ୍ୟାପାର ।

(2) ଯେଉଁସ୍ଥଳେ ଯଥାସ୍ଥିତି କେନ୍ଦ୍ରୀୟ ସୂଚନା କମିଶନ୍ ବା ରାଜ୍ୟ ସୂଚନା କମିଶନ୍ ହୃଦ୍‌ବୋଧ କରିବେ ଯେ, କୌଣସି ଏକ ବ୍ୟାପାରରେ ଅନୁସନ୍ଧାନ କରିବାର ଯଥୋଚିତ ଆଧାର ରହିଛି, ତେବେ ସେମାନେ ସେହି ବ୍ୟାପାରରେ ଅନୁସନ୍ଧାନ ଆରମ୍ଭ କରିଦେଇ ପାରନ୍ତି ।

(3) ଏହି ଧାରା ଅନୁଯାୟୀ ଯେତେବେଳେ କୌଣସି ବିଷୟରେ ଅନୁସନ୍ଧାନ କରାଯିବ, ସେତେବେଳେ ଦେଓ୍ୱାନି କାର୍ଯ୍ୟବିଧି ସଂହିତା ୧୯୦୮ ଅଧୀନରେ ଏକ ମକଦ୍ଦମା ବିଚାର କଲାବେଳେ ଗୋଟିଏ ଦେଓ୍ୱାନି ଅଦାଲତର ଯେଉଁସବୁ କ୍ଷମତା ଥାଏ, ନିମ୍ନୋକ୍ତ ବ୍ୟାପାରରେ ଯଥାସ୍ଥିତି କେନ୍ଦ୍ରୀୟ ସୂଚନା କମିଶନ୍ ବା ରାଜ୍ୟ ସୂଚନା କମିଶନ୍‌ଙ୍କର ସେହିସବୁ କ୍ଷମତା ରହିବ : -

(a) ସଂପୃକ୍ତ ବ୍ୟକ୍ତିଙ୍କୁ ସମନ୍ କରିବା ଏବଂ ତାଙ୍କ ହାଜିରାକୁ ସୁନିଶ୍ଚିତ କରିବା ତଥା ସେହି ବ୍ୟକ୍ତି ଶପଥଗ୍ରହଣ ପୂର୍ବକ ମୌଖିକ ବା ଲିଖିତ ବୟାନ ଦେବା ଏବଂ ସଂପୃକ୍ତ ଦଲିଲ୍ ଓ ସାମଗ୍ରୀଗୁଡିକୁ ପେଶ୍ କରିବା ପାଇଁ ତାଙ୍କୁ ବାଧ୍ୟ କରିବା;

(b) ସଂପୃକ୍ତ ଦଲିଲ୍ ଗୁଡିକୁ ଖୋଜି ବାହାର କରିବା ଓ ନିରୀକ୍ଷଣ କରିବା;

(c) ଆଫିଡେଭିଟ୍ ଜରିଆରେ ସାକ୍ଷ୍ୟ ଗ୍ରହଣ କରିବା;

(d) ଯେ କୌଣସି କୋର୍ଟ ବା ଅଫିସ୍‌ରୁ ସର୍ବସାଧାରଣ ରେକର୍ଡ ବା ତହିଁର ନକଲ ତଲବ୍ କରିବା;

(e) ସାକ୍ଷୀ ଏବଂ ନଥିପତ୍ରଗୁଡିର ପରୀକ୍ଷଣ ପାଇଁ ସମନ୍ ଜାରି କରିବା;

(f) ବିହିତ ହେବାକୁ ଥିବା ଅନ୍ୟ ଯେ କୌଣସି ବିଷୟ ।

(4) ଯଥାସ୍ଥିତି ସଂସଦ ବା କୌଣସି ରାଜ୍ୟ ଆଇନ୍-ସଭା ଦ୍ୱାରା ପ୍ରଣୀତ ଅନ୍ୟ କୌଣସି ଆଇନ୍‌ରେ ଯାହାକିଛି ପ୍ରତିକୂଳ ବ୍ୟବସ୍ଥା ଥାଉନା କାହିଁକି, ଯଥାସ୍ଥିତି କେନ୍ଦ୍ରୀୟ ସୂଚନା କମିଶନ୍ ବା ରାଜ୍ୟ ସୂଚନା କମିଶନ୍ ଏହି ଆଇନ୍ ଅନୁଯାୟୀ ଗୋଟିଏ ଅଭିଯୋଗର ଅନୁସନ୍ଧାନ କରୁଥିବା ବେଳେ ଜନ କର୍ତ୍ତୃପକ୍ଷଙ୍କ ନିୟନ୍ତ୍ରଣରେ ଥିବା ଯେ କୌଣସି ଗୋଟିଏ ରେକର୍ଡକୁ ପରୀକ୍ଷା କରିପାରନ୍ତି, ଯାହା ପ୍ରତି ଏହି ଆଇନ୍ ପ୍ରଯୁଜ୍ୟ ଅଟେ, ଏବଂ ଏତାଦୃଶ ଗୋଟିଏ ରେକର୍ଡକୁ କୌଣସି କାରଣ ଆଳରେ ସେମାନଙ୍କ ନଜରରୁ ଲୁକ୍‌କାୟିତ ରଖାଯାଇ ପାରିବନି ।

19. **ଅପିଲ୍-**

(1) ଜଣେ ବ୍ୟକ୍ତି, ଯେ କି ଧାରା 7 ଅନ୍ତର୍ଗତ ଉପଧାରା (1), ବା ଉପଧାରା (3) ଅଧୀନସ୍ଥ ଖଣ୍ଡ (a)ରେ ବିନିର୍ଦ୍ଦିଷ୍ଟ ହୋଇଥିବା ସମୟ-ସୀମା ଭିତରେ ଯଥାସ୍ଥିତି କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ ବା ରାଜ୍ୟ ଜନ ସୂଚନା ଅଧିକାରୀଙ୍କ ଠାରୁ କୌଣସି ନିଷ୍ପତ୍ତି ନପାଆନ୍ତି, ବା ସେମାନଙ୍କ ନିଷ୍ପତ୍ତିରେ ବ୍ୟଥିତ ହୁଅନ୍ତି, ତେବେ ସେ ସୂଚିତ ସମୟ-ସୀମା ବିତିଯିବା ବା ସଂପୃକ୍ତ ନିଷ୍ପତ୍ତି ପ୍ରାପ୍ତ ହେବାର ତିରିଶ ଦିନ ମଧ୍ୟରେ ସଂପୃକ୍ତ ଜନ କର୍ତ୍ତୃପକ୍ଷଙ୍କ ଠାରେ ଅବସ୍ଥାପିତ ଥିବା ଯଥାସ୍ଥିତି କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ ବା ରାଜ୍ୟ ଜନ ସୂଚନା ଅଧିକାରୀଙ୍କ ଠାରୁ ପଦବୀ ଦୃଷ୍ଟିରୁ ବରିଷ୍ଠ ଅଧିକାରୀଙ୍କ ନିକଟରେ ଅପିଲ୍ କରିପାରିବେ:

ପରନ୍ତୁ, ତିରିଶ ଦିନ ସମୟ-ସୀମା ପାର୍ ହେବା ପରେ ମଧ୍ୟ ସଂପୃକ୍ତ ଅଧିକାରୀ ଏହି ଅପିଲ୍‌କୁ ଗ୍ରହଣ କରିପାରନ୍ତି, ଯଦି ତାଙ୍କର ହୃଦ୍‌ବୋଧ ହୁଏ ଯେ, ଅପିଲ୍‌କାରୀ ଠିକ୍ ସମୟରେ ଅପିଲ୍ ଦାଖଲ କରିବାରୁ ନିବୃତ ହେବା ପଛରେ ଯଥେଷ୍ଟ କାରଣ ରହିଛି ।

(2) ଯଦି ଧାରା 11 ଅଧୀନରେ ଯଥାସ୍ଥିତି କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ ବା ରାଜ୍ୟ ଜନ ସୂଚନା ଅଧିକାରୀଙ୍କ ଦ୍ୱାରା ତୃତୀୟ-ପକ୍ଷ ସୂଚନା ପ୍ରକଟନ ପାଇଁ ଦିଆଯାଇଥିବା ଆଦେଶ ବିରୁଦ୍ଧରେ ସଂପୃକ୍ତ ତୃତୀୟ ପକ୍ଷ ଅପିଲ୍ କରିବାକୁ ଚାହାଁନ୍ତି, ତେବେ ଏତାଦୃଶ ଆଦେଶ-ତାରିଖର ତିରିଶ ଦିନ ଭିତରେ ସେହି ଅପିଲ୍ ଦାଖଲ କରାଯାଇ ପାରିବ ।

(3) ଉପଧାରା(1) ଅଧୀନରେ ପ୍ରଦତ୍ତ ଏକ ନିଷ୍ପତ୍ତି ବିରୁଦ୍ଧରେ, ଏହି ନିଷ୍ପତ୍ତି ପ୍ରକାଶ ପାଇବା ବା ସଂପୃକ୍ତ ବ୍ୟକ୍ତିଙ୍କ ପାଖରେ ପ୍ରକୃତରେ ପହଞ୍ଚିବା ତାରିଖର ନବେ ଦିନ ମଧ୍ୟରେ ଯଥାସ୍ଥିତି କେନ୍ଦ୍ରୀୟ ସୂଚନା କମିଶନ୍ ବା ରାଜ୍ୟ ସୂଚନା କମିଶନ୍‌ଙ୍କ ନିକଟରେ ଏକ ଦ୍ୱିତୀୟ ଅପିଲ୍ ଦାଖଲ ହୋଇପାରିବ;

ପରନ୍ତୁ, ନବେ ଦିନ ସମୟ-ସୀମା ପାର୍ ହେବା ପରେ ମଧ୍ୟ ଯଥାସ୍ଥିତି କେନ୍ଦ୍ରୀୟ ସୂଚନା କମିଶନ୍ ବା ରାଜ୍ୟ ସୂଚନା କମିଶନ୍ ଏହି ଅପିଲ୍‌କୁ ଗ୍ରହଣ କରିପାରନ୍ତି, ଯଦି ତାଙ୍କର ହୃଦ୍‌ବୋଧ ହୁଏ ଯେ, ଅପିଲ୍‌କର୍ତ୍ତା ଯଥା ସମୟରେ ଅପିଲ୍ ଦାଖଲ କରିବାରୁ ନିବୃତ ହେବା ପଛରେ ଯଥେଷ୍ଟ କାରଣ ରହିଛି ।

(4) ଯଦି ଯଥାସ୍ଥିତି କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ ବା ରାଜ୍ୟ ଜନ ସୂଚନା ଅଧିକାରୀଙ୍କ ନିଷ୍ପତ୍ତି, ଯାହା ବିରୁଦ୍ଧରେ ଅପିଲ୍ କରାଯାଇଛି, ଏକ ତୃତୀୟ ପକ୍ଷର ସୂଚନା ସହିତ ସଂପର୍କୀତ ହୋଇଥାଏ, ତେବେ ଯଥାସ୍ଥିତି କେନ୍ଦ୍ରୀୟ ସୂଚନା କମିଶନ୍ ବା ରାଜ୍ୟ ସୂଚନା କମିଶନ୍ ସେହି ତୃତୀୟ ପକ୍ଷଙ୍କୁ ନିଜର ବକ୍ତବ୍ୟ ଶୁଣେଇବାକୁ ଯଥୋଚିତ ସୁଯୋଗ ପ୍ରଦାନ କରିବେ ।

(5) ଯେ କୌଣସି ଅପିଲ୍ କାର୍ଯ୍ୟବିଧିରେ, ଏକ ଦରଖାସ୍ତକୁ ଖାରଜ କରିବା ଯେ ନ୍ୟାୟୋଚିତ ଥିଲା, ତା'ର ପ୍ରମାଣ-ଭାର ନ୍ୟସ୍ତ ରହିବ ଯଥାସ୍ଥିତି କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ ବା ରାଜ୍ୟ ଜନ ସୂଚନା ଅଧିକାରୀଙ୍କ ଉପରେ, ଯେ କି ଦରଖାସ୍ତକୁ ଖାରଜ କରିଥିଲେ ।

(6) ଉପଧାରା(1) ବା ଉପଧାରା(2) ଅଧୀନରେ ଦାଖଲ କରାହୋଇଥିବା ଅପିଲ୍‌କୁ ଯଥାସ୍ଥିତି ଅପିଲ୍ ମିଳିବାର ତିରିଶ ଦିନ ମଧ୍ୟରେ ଫଇସଲା କରାଯିବ ବା ଏଭଳି ଏକ ସଂପ୍ରସାରିତ ସମୟ-ସୀମା ମଧ୍ୟରେ ଫଇସଲା କରାଯିବ, ଯାହାକି ଅପିଲ୍-ଦାଖଲ ତାରିଖ ଠାରୁ ସର୍ବାଧିକ 45 ଦିନ ଭିତରେ ସୀମିତ ରହୁଥିବ, ଏବଂ ସମୟ-ସୀମାର ଏତାଦୃଶ ସଂପ୍ରସାରଣ ସମ୍ବନ୍ଧରେ ଲିଖିତ କାରଣ ଦେବାକୁ ପଡିବ ।

(7) ଯଥାସ୍ଥିତି କେନ୍ଦ୍ରୀୟ ସୂଚନା କମିଶନ୍ ବା ରାଜ୍ୟ ସୂଚନା କମିଶନ୍‌ଙ୍କ ଫଇସଲା ଅବଶ୍ୟ-ପାଳନୀୟ ହେବ ।

(8) ଯଥାସ୍ଥିତି କେନ୍ଦ୍ରୀୟ ସୂଚନା କମିଶନ୍ ବା ରାଜ୍ୟ ସୂଚନା କମିଶନ୍ ନିଜ ଫଇସଲାରେ ନିମ୍ନୋକ୍ତ ବ୍ୟାପାରରେ ତାଙ୍କର କ୍ଷମତା ପ୍ରୟୋଗ କରିପାରିବେ –

(a) ଏହି ଆଇନ୍-ଅନ୍ତର୍ଗତ ବ୍ୟବସ୍ଥାଗୁଡିକର ଅନୁପାଳନ ପାଇଁ ନିମ୍ନୋକ୍ତ ପଦକ୍ଷେପଗୁଡିକ ସମେତ ଆବଶ୍ୟକ ଅନୁଭୂତ ହେଉଥିବା ସମସ୍ତ ପଦକ୍ଷେପଗୁଡିକ ନେବାପାଇଁ ସଂପୃକ୍ତ ଜନ କର୍ତ୍ତୃପକ୍ଷଙ୍କୁ ବାଧ୍ୟ କରି ପାରିବେ-

(i) ଏକ ସୁନିର୍ଦ୍ଦିଷ୍ଟ ରୀତିରେ ଆବେଦିତ ସୂଚନାକୁ ସୁଗମ୍ୟ କରବା ;

(ii) ଯଥାସ୍ଥିତି ଜଣେ କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ ବା ରାଜ୍ୟ ଜନ ସୂଚନା ଅଧିକାରୀଙ୍କୁ ନିଯୁକ୍ତ କରିବା;

(iii) କେତେକ ନିର୍ଦ୍ଦିଷ୍ଟ ସୂଚନା ବା ନିର୍ଦ୍ଦିଷ୍ଟ ଧରଣର ସୂଚନାର ପ୍ରକାଶନ କରିବା;

(iv) ରେକର୍ଡ ଗୁଡିକର ରକ୍ଷଣାବେକ୍ଷଣ, ପ୍ରବନ୍ଧନ ଏବଂ ବିନଷ୍ଟ ବ୍ୟାପାରରେ ଅନୁସୃତ ହୋଇ ଆସୁଥିବା ପଦ୍ଧତିଗୁଡିକରେ ଆବଶ୍ୟକୀୟ ସଂସ୍କାର ଆଣିବା;

(v) ନିଜର ଅଧିକାରୀମାନଙ୍କୁ ସୂଚନାର ଅଧିକାର ଉପରେ ପ୍ରଶିକ୍ଷଣ ବ୍ୟବସ୍ଥାକୁ ଉନ୍ନତ କରିବା;

(vi) ଧାରା ୪ ଅନ୍ତର୍ଗତ ଉପଧାରା (1)ରେ ଥିବା ଖଣ୍ଡ (b) ର ଅନୁପାଳନ ସ୍ୱାର୍ଥରେ ନିଜର ଏକ ବାର୍ଷିକ ବିବରଣୀ ପଠାଇବା ;

(b) ଅଭିଯୋକ୍ତାଙ୍କର ଯଦି କିଛି ହାନି ବା ଅନ୍ୟାନ୍ୟ କ୍ଷତି ଘଟିଥାଏ, ତେବେ ତହିଁର କ୍ଷତିଭରଣା କରିବାକୁ ସଂପୃକ୍ତ ଜନ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା;

(c) ଏହି ଆଇନ୍ ଅଧୀନରେ ସୂଚିତ ହୋଇଥିବା ଶାସ୍ତି ବ୍ୟବସ୍ଥାଗୁଡିକ ଭିତରୁ କୌଣସି ପ୍ରକାର ଶାସ୍ତି ଆରୋପ କରିବା;

(d) ଆବେଦନକୁ ଖାରଜ କରିବା ।

(9) ଯଥାସ୍ଥିତି କେନ୍ଦ୍ରୀୟ ସୂଚନା କମିଶନ୍ ବା ରାଜ୍ୟ ସୂଚନା କମିଶନ୍ ନିଜ ଫଇସଲା ବିଷୟରେ ଉଭୟ ଅଭିଯୋକ୍ତା ଏବଂ ଜନ କର୍ତ୍ତୃପକ୍ଷଙ୍କ ନିକଟକୁ ନୋଟିସ୍ କରିବେ, ଯେଉଁଥିରେ ଅପିଲ୍ କରିବା ପାଇଁ ଅଧିକାର ଅଛି କି ନାହିଁ, ତାହା ସୂଚୀତ ହୋଇଥିବ ।

(10) ଯଥାସ୍ଥିତି କେନ୍ଦ୍ରୀୟ ସୂଚନା କମିଶନ୍ ବା ରାଜ୍ୟ ସୂଚନା କମିଶନ୍ ନିଜେ ଅପିଲ୍‌କୁ ଫଇସଲା କରିବା କ୍ଷେତ୍ରରେ ସେହି ପଦ୍ଧତି ଅବଲମ୍ବନ କରିବେ, ଯାହାକି ବିହିତ କରାଯାଇପାରେ ।

## 20. ଶାସ୍ତିବ୍ୟବସ୍ଥା-

(1) ଯଦି ଯଥାସ୍ଥିତି କେନ୍ଦ୍ରୀୟ ସୂଚନା କମିଶନ୍ ବା ରାଜ୍ୟ ସୂଚନା କମିଶନ୍ ଏକ ଅଭିଯୋଗ ବା ଅପିଲ୍‌କୁ ଫଇସଲା କଲାବେଳେ ମନେ କରନ୍ତି ଯେ, ଯଥାସ୍ଥତି କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ ବା ରାଜ୍ୟ ଜନ ସୂଚନା ଅଧିକାରୀ କୌଣସି ଯଥାର୍ଥ କାରଣ ନଥାଇ ସୂଚନା ପାଇଁ ଦରଖାସ୍ତକୁ ଗ୍ରହଣ କରିବାକୁ ମନା କରିଦେଇଛନ୍ତି ବା ଧାରା 7 ଅନ୍ତର୍ଗତ ଉପଧାରା(1)ରେ ବିନିର୍ଦ୍ଦିଷ୍ଟ ହୋଇଥିବା ସମୟସୀମା ମଧ୍ୟରେ ସୂଚନା ପ୍ରଦାନ କରିନାହାନ୍ତି ବା ମନ୍ଦୁଦେଶ୍ୟ ରଖି ଦରଖାସ୍ତଟିକୁ ପ୍ରତ୍ୟାଖ୍ୟାନ କରିଛନ୍ତି ବା ଜାଣିଶୁଣି ଭୁଲ୍, ଅସଂପୂର୍ଣ୍ଣ ବା ବିଭ୍ରାନ୍ତିକର ସୂଚନା ଦେଇଛନ୍ତି ବା ଆବେଦିତ ବିଷୟ ସମ୍ବନ୍ଧରେ ସୂଚନାକୁ ଧ୍ୱଂସ କରି ଦେଇଛନ୍ତି ବା ସୂଚନା-ପ୍ରଦାନକୁ କୌଣସି ନା କୌଣସି ଉପାୟରେ ବାଧାଗ୍ରସ୍ଥ କରିଛନ୍ତି, ତେବେ ସଂପୃକ୍ତ ଆବେଦନଟି ଗ୍ରହଣ ହେବାଯାଏ ବା ଆବେଦିତ ସୂଚନାକୁ ପ୍ରକଟନ କରିବା ଯାଏଁ ପ୍ରତିଦିନ ପାଇଁ ଦୁଇଶହ ପଚାଶ ଟଙ୍କା ହିସାବରେ ଜୋରିମାନା ସଂପୃକ୍ତ କମିଶନ୍ ଲାଗୁ କରିବେ, କିନ୍ତୁ ମୋଟ ଜୋରିମାନା ପରିମାଣ ପଚିଶ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବାନାହିଁ :

ପରନ୍ତୁ, ଶାସ୍ତିବିଧାନ ଲାଗୁ କରିବା ପୂର୍ବରୁ ଯଥାସ୍ଥତି କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ ବା ରାଜ୍ୟ ଜନ ସୂଚନା ଅଧିକାରୀଙ୍କୁ ସେମାନଙ୍କ ବକ୍ତବ୍ୟ ପେଶ୍ କରିବା ପାଇଁ ଯଥୋଚିତ ସୁଯୋଗ ଦିଆଯିବ :

ପୁଣି ପରନ୍ତୁ, ନିଜେ ଯଥାର୍ଥ ଢଙ୍ଗରେ ଓ ତତ୍ପରତା ସହକାରେ କାର୍ଯ୍ୟ କରିଛନ୍ତି ବୋଲି ତହିଁର ପ୍ରମାଣ-ଭାର ଯଥାସ୍ଥତି କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ ବା ରାଜ୍ୟ ଜନ ସୂଚନା ଅଧିକାରୀଙ୍କ ଉପରେ ନ୍ୟସ୍ତ ରହିବ ।

(2) ଯଦି ଯଥାସ୍ଥିତି କେନ୍ଦ୍ରୀୟ ସୂଚନା କମିଶନ୍ ବା ରାଜ୍ୟ ସୂଚନା କମିଶନ୍ ଏକ ଅଭିଯୋଗ ବା ଅପିଲ୍‌କୁ ଫଇସଲା କଲାବେଳେ ମନେ କରନ୍ତି ଯେ, ଯଥାସ୍ଥତି କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ ବା ରାଜ୍ୟ ଜନ ସୂଚନା ଅଧିକାରୀ ଯଥାର୍ଥ କାରଣ ନଥାଇ ତଥା ଲଗାତାର ଭାବେ ସୂଚନାପ୍ରାପ୍ତି ପାଇଁ ଦରଖାସ୍ତକୁ ଗ୍ରହଣ କରିବାରେ ବିଫଳତା ଦେଖାଇଛନ୍ତି ବା ଧାରା7 ଅନ୍ତର୍ଗତ ଉପଧାରା(1)ରେ ବିନିର୍ଦ୍ଦିଷ୍ଟ ହୋଇଥିବା ସମୟସୀମା ମଧ୍ୟରେ ସୂଚନା ପ୍ରଦାନ କରିନାହାନ୍ତି ବା ମନ୍ଦୁଦେଶ୍ୟ ରଖି ଦରଖାସ୍ତଟିକୁ ପ୍ରତ୍ୟାଖ୍ୟାନ କରିଛନ୍ତି ବା ଜାଣିଶୁଣି ଭୁଲ୍, ଅସଂପୂର୍ଣ୍ଣ ବା ବିଭ୍ରାନ୍ତିକର ସୂଚନା ଦେଇଛନ୍ତି ବା ଆବେଦିତ ବିଷୟ ସମ୍ବନ୍ଧରେ ସୂଚନାକୁ ଧ୍ୱଂସ କରିଦେଇଛନ୍ତି ବା କୌଣସି ନା କୌଣସି ଉପାୟରେ ସୂଚନା-ପ୍ରାପ୍ତିକୁ ବାଧାଗ୍ରସ୍ଥ କରିଛନ୍ତି, ତେବେ ସଂପୃକ୍ତ କମିଶନ୍ ଯଥାସ୍ଥତି କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ ବା ରାଜ୍ୟ ଜନ ସୂଚନା ଅଧିକାରୀଙ୍କ ବିରୁଦ୍ଧରେ ତାଙ୍କ ପାଇଁ ଉଦ୍ଦିଷ୍ଟ ଚାକିରୀ ନିୟମାବଳୀ ଅନୁଯାୟୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସକାଶେ ସୁପାରିଶ୍ କରିବେ ।

# ଅଧ୍ୟାୟ- 6: ବିବିଧ

## 21. ସଦ୍‌ବିଶ୍ୱାସରେ ନିଆଯାଇଥିବା ପଦକ୍ଷେପକୁ ସୁରକ୍ଷା ପ୍ରଦାନ-

ଏହି ଆଇନ୍ ବା ଏହା ଅଧୀନସ୍ଥ ନିୟମାବଳୀ ଅଧୀନରେ ଜଣେ ବ୍ୟକ୍ତି ସଦ୍‌ବିଶ୍ୱାସ ସହକାରେ ଗ୍ରହଣ କରିଥିବା ବା ଗ୍ରହଣ କରିବାକୁ ଚାହିଁଥିବା କୌଣସି ପଦକ୍ଷେପ ପାଇଁ ତାଙ୍କ ବିରୁଦ୍ଧରେ କୌଣସି ପ୍ରକାର ମକଦ୍ଦମା, ଅଭିଯୋଜନ ବା ଅନ୍ୟ ଆଇନ୍‌ଗତ କାର୍ଯ୍ୟବିଧି ଚାଲିପାରିବ ନାହିଁ ।

## 22. ଆଇନ୍‌ର ଅତିକ୍ରମଣ ପଭାବ-

ସରକାରୀ ଗୋପନୀୟତା ଆଇନ୍ 1923, ବର୍ତ୍ତମାନ ବଳବତ୍ତର ଥିବା ଅନ୍ୟ କୌଣସି ଆଇନ୍ ଅଥବା ଏହି ଆଇନ୍‌କୁ ଛାଡ଼ି ଅନ୍ୟ କୌଣସି ଆଇନ୍ ବଳରେ ପ୍ରଭାବ ବହନ କରିଥିବା କୌଣସି ବିଧିବିଧାନରେ ଏହି ଆଇନ୍‌ର ପ୍ରାବ୍‌ଧାନଗୁଡ଼ିକ ସହିତ ଅସଂଗତ ହେଲାଭଳି ଯାହାକିଛି ସ୍ଥାନିତ ହୋଇଥାଉନା କାହିଁକି, ଏହି ଆଇନ୍‌ର ପ୍ରାବ୍‌ଧାନଗୁଡ଼ିକ ହିଁ ପଭାବଶାଳୀ ରହିବ ।

23. **କୋର୍ଟଗୁଡିକର କ୍ଷେତ୍ରାଧିକାର ଉପରେ ପ୍ରତିବନ୍ଧ-**

ଏହି ଆଇନ୍ ଅଧୀନରେ ଜାରି କରାଯାଇଥିବା କୌଣସି ଆଦେଶକୁ କେନ୍ଦ୍ର କରି କୌଣସି ମକଦ୍ଦମା, ଆବେଦନ ବା ଅନ୍ୟ କାର୍ଯ୍ୟବିଧିକୁ କୌଣସି କୋର୍ଟ ଗ୍ରହଣ କରିବ ନାହିଁ, ଏବଂ ଏତାଦୃଶ ଏକ ଆଦେଶକୁ କେବଳ ଏହି ଆଇନ୍ ଅଧୀନରେ ଉଦ୍ଦିଷ୍ଟ ଅପିଲ୍ ବ୍ୟତିରେକ ଅନ୍ୟ କୌଣସି ପ୍ରକାରେ ପ୍ରଶ୍ନ କରାଯାଇ ପାରିବନି ।

24. **ନିର୍ଦ୍ଦିଷ୍ଟ ସଂଗଠନମାନଙ୍କ କ୍ଷେତ୍ରରେ ଆଇନ୍‌ର ଅପ୍ରଯୁଜ୍ୟତା-**

(1) ଦ୍ୱିତୀୟ ସାରଣୀରେ ବିନିର୍ଦ୍ଦିଷ୍ଟ ହୋଇଥିବା କେନ୍ଦ୍ର ସରକାର କର୍ତ୍ତୃକ ପ୍ରତିଷ୍ଠିତ ଗୁଇନ୍ଦା ଓ ସୁରକ୍ଷା ସଂଗଠନସମୂହ କ୍ଷେତ୍ରରେ ତଥା ସେମାନଙ୍କ ଦ୍ୱାରା ଉକ୍ତ ସରକାରଙ୍କୁ ଦିଆ ଯାଉଥିବା ସୂଚନା କ୍ଷେତ୍ରରେ ଏହି ଆଇନ୍‌ର କୌଣସି ପ୍ରାବ୍‌ଧାନ ଲାଗୁ ହେବନାହିଁ;
ପରନ୍ତୁ, ଦୁର୍ନୀତି ଓ ମାନବାଧିକାର ଉଲ୍ଲଂଘନ ଅଭିଯୋଗ ସଂକ୍ରାନ୍ତୀୟ ସୂଚନାକୁ ଏହି ଉପଧାରା ଅଧୀନରେ ବାଦ୍ ଦିଆଯିବ ନାହିଁ :
ପୁଣି ପରନ୍ତୁ, ମାନବାଧିକାର ଉଲ୍ଲଂଘନ ବିଷୟରେ ଯଦି କେହି ସୂଚନା ପାଇଁ ଆବେଦନ କରିଥାନ୍ତି, ତେବେ କେବଳ କେନ୍ଦ୍ରୀୟ ସୂଚନା କମିଶନ୍‌ଙ୍କ ଅନୁମୋଦନ କ୍ରମେ ସଂପୃକ୍ତ ସୂଚନାକୁ ପ୍ରକଟନ କରାଯାଇପାରେ, ଏବଂ ଧାରା7 ରେ ଯାହା ଥାଉନା କାହିଁକି, ଏହି ସୂଚନାକୁ ଆବେଦନ ମିଳିବା ତାରଖଠାରୁ ପଇଁଚାଳିଶ ଦିନ ଭିତରେ ଦିଆଯିବ ।

(2) କେନ୍ଦ୍ର ସରକାର ଚାହିଁଲେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଅନ୍ୟ କୌଣସି ଅନୁସନ୍ଧାନ ଓ ସୁରକ୍ଷା ସଂଗଠନକୁ ସରକାରୀ ଗେଜେଟ୍‌ରେ ବିଜ୍ଞପ୍ତିପୂର୍ବକ ସଂପୃକ୍ତ ସାରଣୀରେ ଭର୍ତ୍ତି କରିପାରନ୍ତି ବା ସାରଣୀରେ ପୂର୍ବରୁ ବିନିର୍ଦ୍ଦିଷ୍ଟ ହୋଇଥିବା କୌଣସି ସଂଗଠନକୁ ସାରଣୀରୁ ବାଦ୍ ପକାଇପାରନ୍ତି, ଏବଂ ଏତାଦୃଶ ବିଜ୍ଞପ୍ତି ପ୍ରକାଶ ପାଇଲା ପରେ ସଂପୃକ୍ତ ସଂଗଠନ ଯଥାସ୍ଥିତି ସାରଣୀ-ଅନ୍ତର୍ଭୁକ୍ତ ବା ସାରଣୀ-ବହିର୍ଭୁତ ବୋଲି ବିବେଚନା କରାଯିବ ।

(3) ଉପଧାରା (2) ଅଧୀନରେ ଜାରି କରାଯାଇଥିବା ପ୍ରତି ବିଜ୍ଞପ୍ତି ସଂସଦର ପ୍ରତି ଗୃହରେ ଉପସ୍ଥାପନ କରାଯିବ ।

(4) ଏହି ଆଇନ୍‌ରେ ଥିବା କୌଣସି ପ୍ରାବ୍‌ଧାନ ଗୋଟିଏ ରାଜ୍ୟ ସରକାର କର୍ତ୍ତୃକ ପ୍ରତିଷ୍ଠିତ ସେହିସବୁ ଗୁଇନ୍ଦା ଓ ସୁରକ୍ଷା ସଂଗଠନସମୂହ ପ୍ରତି ଲାଗୁ ହେବନାହିଁ, ଯେଉଁଗୁଡିକୁ ରାଜ୍ୟ ସରକାର ସରକାରୀ ଗେଜେଟ୍‌ରେ ସମୟାନ୍ତରରେ ବିଜ୍ଞପ୍ତି ପୂର୍ବକ ବିନିର୍ଦ୍ଦିଷ୍ଟ କରିବେ:
ପରନ୍ତୁ, ଦୁର୍ନୀତି ଏବଂ ମାନବାଧିକାର ଉଲ୍ଲଂଘନର ଅଭିଯୋଗ ସଂକ୍ରାନ୍ତୀୟ ସୂଚନାକୁ ଏହି ଉପଧାରା ଅଧୀନରେ ବାଦ୍ ଦିଆଯିବନାହିଁ :
ପୁଣି ପରନ୍ତୁ, ମାନବାଧିକାର ଉଲ୍ଲଂଘନ ବିଷୟରେ ଯଦି କେହି ସୂଚନା ପାଇଁ ଆବେଦନ କରିଥାନ୍ତି, ତେବେ କେବଳ ରାଜ୍ୟ ସୂଚନା କମିଶନ୍‌ଙ୍କ ଅନୁମୋଦନ କ୍ରମେ ସଂପୃକ୍ତ ସୂଚନାକୁ ପ୍ରକଟନ କରାଯାଇପାରେ, ଏବଂଧାରା 7 ରେ ଯାହା ଥାଉନା କାହିଁକି, ଏହି ସୂଚନାକୁ ଆବେଦନ ମିଳିବା ତାରଖଠାରୁ ପଇଁଚାଳିଶ ଦିନ ଭିତରେ ଦିଆଯିବ ।

(5) ଉପଧାରା (4) ଅଧୀନରେ ଜାରି କରାଯାଇଥିବା ପ୍ରତି ବିଜ୍ଞପ୍ତି ରାଜ୍ୟ ଆଇନ୍‌ସଭାରେ ଉପସ୍ଥାପନ କରାଯିବ ।

25. **ତଦାରଖ ଓ ରିପୋର୍ଟ ପ୍ରଦାନ-**

(1) ଯଥାସ୍ଥିତି କେନ୍ଦ୍ରୀୟ ସୂଚନା କମିଶନ୍ ବା ରାଜ୍ୟ ସୂଚନା କମିଶନ୍ ପ୍ରତିବର୍ଷ ଶେଷରେ ଯଥାଶୀଘ୍ର ସମ୍ଭବ ସେହି ବର୍ଷରେ ଏହି ଆଇନ୍ ଅନ୍ତର୍ଗତ ପ୍ରାବ୍‌ଧାନଗୁଡିକର କାର୍ଯ୍ୟାନ୍ୱୟନ ଉପରେ ଏକ ରିପୋର୍ଟ ପ୍ରସ୍ତୁତ କରିବେ, ଏବଂ ଏହାର ଏକ ନକଲ ସମୁଚିତ ସରକାରଙ୍କ ପାଖକୁ ଅଭିପ୍ରେରଣ କରିବେ ।

(2) ପ୍ରତି ମନ୍ତ୍ରଣାଳୟ ବା ବିଭାଗ ସେମାନଙ୍କ ପରିସରଭୁକ୍ତ ଜନ କର୍ତ୍ତୃପକ୍ଷମାନଙ୍କ ଠାରୁ ସେହିସବୁ ସୂଚନା ସଂଗ୍ରହ କରିବେ ଏବଂ ଯଥାସ୍ଥିତି କେନ୍ଦ୍ରୀୟ ସୂଚନା କମିଶନ୍ ବା ରାଜ୍ୟ ସୂଚନା କମିଶନ୍‌ଙ୍କ ନିକଟକୁ ପଠାଇବେ, ଯେଉଁଗୁଡିକ ଏହି ଧାରାରେ ସୂଚିତ ରିପୋର୍ଟକୁ ପ୍ରସ୍ତୁତ କରିବାରେ ଆବଶ୍ୟକ ପଡିପାରେ, ଏବଂ ସେମାନେ ଏହି ଧାରାର ପ୍ରୟୋଜନାର୍ଥେ ସେହିସବୁ ସୂଚନାକୁ ଯୋଗାଇଦେବା ଏବଂ ସଂପୃକ୍ତ ରେକର୍ଡଗୁଡିକର ରକ୍ଷଣାବେକ୍ଷଣ ସଂକ୍ରାନ୍ତୀୟ ଆବଶ୍ୟକତାଗୁଡିକର ଅନୁପାଳନ କରିବେ ।

(3) ପ୍ରତି ରିପୋର୍ଟରେ ସଂଶ୍ଳିଷ୍ଟ ବର୍ଷର ନିମ୍ନୋକ୍ତ ତଥ୍ୟଗୁଡିକ ଉଲ୍ଲେଖ ରହିବ-

(a) ପ୍ରତି ଜନ କର୍ତ୍ତୃପକ୍ଷଙ୍କ ପାଖରେ ଦାଖଲ ହୋଇଥିବା ଦରଖାସ୍ତ ସଂଖ୍ୟା;

(b) ଆବେଦନ-ପ୍ରାପ୍ତି ପରେ ଯେଉଁସବୁ କ୍ଷେତ୍ରରେ ଦରଖାସ୍ତକାରୀଙ୍କୁ ଆବେଦିତ ଦଲିଲ୍ ହାସଲ କରିବା ପାଇଁ ଯୋଗ୍ୟ ବିବେଚିତ କରାଯାଇନି, ସେଗୁଡିକର ସଂଖ୍ୟା, ଏହି ଆଇନ୍‌ର କେଉଁ ଧାରାଗୁଡିକ ବଳରେ ଏପରି ନିଷ୍ପତ୍ତିମାନ ନିଆଯାଇଛି, ଏବଂ ଏହିସବୁ ଧାରାଗୁଡିକ କେତେଥର ପ୍ରୟୋଗ କରାଯାଇଛି;

(c) ଯଥାସ୍ଥିତି କେନ୍ଦ୍ରୀୟ ସୂଚନା କମିଶନ୍ ବା  ରାଜ୍ୟ ସୂଚନା କମିଶନ୍‌ଙ୍କ ନିକଟକୁ ପୁନର୍ବିଚାର ପାଇଁ କେତେସଂଖ୍ୟକ ଅପିଲ୍ କରାଯାଇଛି, ସେହି ଅପିଲ୍ ଗୁଡ଼ିକର ପ୍ରକାର ଭେଦ ଏବଂ ଫଳାଫଳ;

(d) ଏହି ଆଇନ୍‌କୁ କାର୍ଯ୍ୟକାରୀ କରିବାକୁ ଯାଇ କୌଣସି ଅଫିସର୍‌ଙ୍କ ବିରୁଦ୍ଧରେ ଯଦି କିଛି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଥାଏ ତେବେ ତହିଁର ସବିଶେଷ ସୂଚନା;

(e) ଏହି ଆଇନ୍ ଅଧୀନରେ ପ୍ରତି ଜନ କର୍ତ୍ତୃପକ୍ଷ ସଂଗ୍ରହ କରିଥିବା ଦେୟର ପରିମାଣ ;

(f) ଜନ କର୍ତ୍ତୃପକ୍ଷମାନେ ଏହି ଆଇନ୍‌ର ଭାବଧାରା ଓ ଅଭିପ୍ରାୟକୁ କାର୍ଯ୍ୟକାରୀ ଏବଂ କାର୍ଯ୍ୟରୂପ ପ୍ରଦାନ କରିବା ଉଦ୍ଦେଶ୍ୟରେ ଯଦି କିଛି ପ୍ରୟାସ କରିଥାନ୍ତି, ତେବେ ତହିଁର ସଙ୍କେତ ବହନ କରୁଥିବା ତଥ୍ୟମାନ;

(g) ନିର୍ଦ୍ଦିଷ୍ଟ ଜନକର୍ତ୍ତୃପକ୍ଷମାନଙ୍କ ସମ୍ବନ୍ଧରେ ସୁପାରିଶ୍ ସମେତ ସୂଚନା ହାସଲର ଅଧିକାରକୁ କାର୍ଯ୍ୟରୂପ ଦେବା ଉଦ୍ଦେଶ୍ୟରେ କୌଣସି ବିକାଶ, ଉନ୍ନତୀକରଣ, ଆଧୁନିକୀକରଣ ବା ସଂସ୍କାର ପାଇଁ ସୁପାରିଶ୍ ଅଥବା ଏହି ଆଇନ୍ ବା ଅନ୍ୟ ବିଧିବିଧାନ ବା ସାଧାରଣ ଆଇନ୍‌ରେ କୌଣସି ସଂଶୋଧନ ପାଇଁ ସୁପାରିଶ୍, ଅଥବା ଅନ୍ୟ କୌଣସି ପ୍ରାସଙ୍ଗିକ ବ୍ୟାପରରେ ସୁପାରିଶ୍ ।

(4) ଯଥାସ୍ଥିତି କେନ୍ଦ୍ର ସରକାର ବା ରାଜ୍ୟ ସରକାର ପ୍ରତି ବର୍ଷ ଶେଷରେ ଯଥାଶୀଘ୍ର ସମ୍ଭବ ଉପଧାରା (1)ରେ ସୂଚିତ ହୋଇଥିବା ଯଥାସ୍ଥିତି କେନ୍ଦ୍ରୀୟ ସୂଚନା କମିଶନ୍ ବା ରାଜ୍ୟ ସୂଚନା କମିଶନ୍‌ଙ୍କ ରିପୋର୍ଟକୁ ଯଥାସ୍ଥିତି ସଂସଦର ପ୍ରତି ଗୃହରେ ଓ ଯେଉଁ ରାଜ୍ୟ ଆଇନ୍-ସଭାରେ ଦୁଇଟି ଗୃହ ରହିଛି, ସେଠାରେ ପ୍ରତି ଗୃହରେ ଏବଂ ଯେଉଁ ରାଜ୍ୟ ଆଇନ୍-ସଭାରେ ମାତ୍ର ଗୋଟିଏ ଗୃହ ରହିଛି, ସେହି ଗୋଟିଏ ଗୃହରେ ଉପସ୍ଥାପନ କରାଇବେ ।

(5) ଯଦି ଯଥାସ୍ଥିତି କେନ୍ଦ୍ରୀୟ ସୂଚନା କମିଶନ୍ ବା ରାଜ୍ୟ ସୂଚନା କମିଶନ୍‌ଙ୍କୁ ଏହା ପ୍ରତୀତ ହୁଏ ଯେ, ଗୋଟିଏ ଜନ କର୍ତ୍ତୃପକ୍ଷଙ୍କ ଉପରେ ଏହି ଆଇନ୍ ବଳରେ ନ୍ୟସ୍ତ ହୋଇଥିବା କାର୍ଯ୍ୟାବଳୀକୁ ସମ୍ପାଦନ କରିବାରେ ତାଙ୍କର ଆଚରଣ ଆଇନ୍‌ର ପ୍ରାବଧାନ ଓ ଭାବଧାରା ସହିତ ସଂଗତିଶୀଳ ହେଉନାହିଁ, ତେବେ ସଂପୃକ୍ତ କମିଶନ୍‌ଙ୍କ ମତରେ ଯେଉଁ ପଦକ୍ଷେପଗୁଡ଼ିକ ଉଦ୍ଦିଷ୍ଟ ସଂଗତିଶୀଳତାକୁ ପ୍ରୋତ୍ସାହନ ଦେବ, ସେଗୁଡ଼ିକୁ ସଂପୃକ୍ତ ଜନକର୍ତ୍ତୃପକ୍ଷ ଗ୍ରହଣ କରିବା ପାଇଁ କମିଶନ୍ ବିନିର୍ଦ୍ଦିଷ୍ଟ ଭାବେ ସୁପାରିଶ୍ କରିପାରନ୍ତି ।

## 26. ସମୁଚିତ ସରକାରଙ୍କ ଦ୍ୱାରା କାର୍ଯ୍ୟକ୍ରମ ପ୍ରସ୍ତୁତି-

(1) ସମୁଚିତ ସରକାର ଉପଲବ୍ଧ ଆର୍ଥିକ ଓ ଅନ୍ୟାନ୍ୟ ସମ୍ବଳର ସୀମା ଭିତରେ -

(a) ଏହି ଆଇନ୍ ଅଧୀନରେ ମନସ୍ଥ ହୋଇଥିବା ଅଧିକାରଗୁଡ଼ିକୁ କିପରି ପ୍ରୟୋଗ କରାଯାଇ ପାରିବ, ସେ ସମ୍ବନ୍ଧରେ ସର୍ବସାଧାରଣଙ୍କର, ବିଶେଷ କରି ବଞ୍ଚିତ ଜନଗୋଷ୍ଠୀମାନଙ୍କର ଉପଲବ୍ଧିର ଅଭିବୃଦ୍ଧି ଘଟାଇବା ଉଦ୍ଦେଶ୍ୟରେ ଶୈକ୍ଷଣିକ କାର୍ଯ୍ୟକ୍ରମମାନ ପ୍ରସ୍ତୁତି ଓ ଆୟୋଜନ କରିବେ;

(b) ଖଣ୍ଡ (a) ରେ ଦର୍ଶିତ ହୋଇଥିବା କାର୍ଯ୍ୟକ୍ରମଗୁଡ଼ିକର ପ୍ରସ୍ତୁତି ଓ ଆୟୋଜନରେ ଅଂଶ ଗ୍ରହଣ କରିବା ସହ ଏହିସବୁ କାର୍ଯ୍ୟକ୍ରମଗୁଡ଼ିକୁ ନିଜେ ଆୟୋଜନ କରିବା ପାଇଁ ଜନ କର୍ତ୍ତୃପକ୍ଷମାନଙ୍କୁ ଉତ୍ସାହିତ କରିବେ ;

(c) ଜନ କର୍ତ୍ତୃପକ୍ଷମାନେ ସମୟୋଚିତ ଓ ଫଳପ୍ରଦ ଢଙ୍ଗରେ ସେମାନଙ୍କ କାର୍ଯ୍ୟକଳାପ ବିଷୟରେ ନିର୍ଭୁଲ୍ ତଥ୍ୟ ପରିବେଷଣ ପାଇଁ ପ୍ରୋତ୍ସାହନ ଦେବେ;

(d) ଜନ କର୍ତ୍ତୃପକ୍ଷସମୂହଙ୍କ ଅଧୀନରେ ଥିବା ଯଥାସ୍ଥିତି କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ ବା ରାଜ୍ୟ ଜନ ସୂଚନା ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବେ ଏବଂ ଜନ କର୍ତ୍ତୃପକ୍ଷସମୂହଙ୍କ ବ୍ୟବହାର ପାଇଁ ଆବଶ୍ୟକୀୟ ପ୍ରଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିବେ ।

(2) ସମୁଚିତ ସରକାର ଏହି ଆଇନ୍ ଲାଗୁ ହେବାର ଅଠର ମାସ ମଧ୍ୟରେ ନିଜ ନିଜର ସରକାରୀ ଭାଷାରେ ଏକ ମାର୍ଗଦର୍ଶିକା ସଂକଳନ କରିବେ, ଯେଉଁଥିରେ ସହଜବୋଧ ରୂପ ଓ ରୀତିରେ ସେହିସବୁ ସୂଚନା ରହିବ, ଯେଉଁଗୁଡ଼ିକ କି ଏହି ଆଇନ୍‌ରେ ବିନିର୍ଦ୍ଦିଷ୍ଟ ହୋଇଥିବା ଅଧିକାରଗୁଡ଼ିକୁ ପ୍ରୟୋଗ କରିବାକୁ ଚାହୁଁଥିବା ଜଣେ ବ୍ୟକ୍ତିଙ୍କ ପକ୍ଷେ ଯଥୋଚିତ ଭାବେ ଆବଶ୍ୟକ ପଡୁଥିବ ।

(3) ଆବଶ୍ୟକ ମୁତାବକ ସମୁଚିତ ସରକାର ଉପଧାରା (2) ରେ ସୂଚିତ ମାର୍ଗଦର୍ଶିକାକୁ ନିୟମିତ ଅନ୍ତରାଳରେ ସଦ୍ୟୀକରଣ ପୂର୍ବକ ପ୍ରକାଶ କରିବେ, ଯାହାକି ସବିଶେଷ ରୂପେ ତଥା ଉପଧାରା (2)ର ବ୍ୟାପକ ଅର୍ଥକୁ ବ୍ୟାହତ ନକରି ନିମ୍ନୋକ୍ତ ସୂଚନାଗୁଡ଼ିକୁ ବହନ କରିବ–

(a) ଏହି ଆଇନ୍‌ର ଉଦ୍ଦେଶ୍ୟମାନ ;

(b) ଧାରା(5) ଅଧୀନସ୍ଥ ଉପଧାରା(1) ଅନୁଯାୟୀ ପ୍ରତି ଜନ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଯୁକ୍ତ ଯଥାସ୍ଥିତି କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ ବା ରାଜ୍ୟ ଜନ ସୂଚନା ଅଧିକାରୀଙ୍କ ଡାକ ଏବଂ ସାହି ଠିକଣା, ଫୋନ୍ ଓ ଫାକ୍ସ ନମ୍ବର, ଏବଂ ଯଦି ଉପଲବ୍ଧ ଥାଏ ତେବେ ଇଲେକ୍‌ଟ୍ରନିକ୍ ମେଲ୍ ଠିକଣା ;

(c) ଯଥାସ୍ଥିତି କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ ବା ରାଜ୍ୟ ଜନ ସୂଚନା ଅଧିକାରୀଙ୍କ ନିକଟକୁ ସୂଚନା ହାସଲ ପାଇଁ ଆବେଦନ କରିବାର ରୀତି ଓ ପ୍ରରୂପ (ଫର୍ମ);

(d) ଏହି ଆଇନ୍ ଅଧୀନରେ ପ୍ରତି ଜନ କର୍ତ୍ତୃପକ୍ଷଙ୍କର ଯଥାସ୍ଥିତି କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ ବା ରାଜ୍ୟ ଜନ ସୂଚନା ଅଧିକାରୀଙ୍କ ଠାରୁ କି କି ସହାୟତା ମିଳି ପାରିବ ଏବଂ ସେମାନଙ୍କ ଦାୟିତ୍ୱାବଳୀ ;

(e) ଯଥାସ୍ଥିତି କେନ୍ଦ୍ରୀୟ ସୂଚନା କମିଶନ୍ ବା ରାଜ୍ୟ ସୂଚନା କମିଶନ୍‌ଙ୍କ ଠାରୁ କି କି ସହାୟତା ମିଳିପାରିବ ;

(f) କମିଶନ୍‌ଙ୍କ ନିକଟରେ ଅପିଲ୍ କରିବା ପଦ୍ଧତି ସମେତ ଏହି ଆଇନ୍ ଅଧୀନରେ ଯେଉଁ ଅଧିକାର ନ୍ୟସ୍ତ ହୋଇଛି ବା ଯେଉଁ ଦାୟିତ୍ୱ ଅର୍ପଣ କରାଯାଇଛି, ସେହି ପରିପ୍ରେକ୍ଷିରେ ନିଆ ହୋଇଥିବା ବା ନିଆଯାଇ ପାରିନଥିବା କୌଣସି ପଦକ୍ଷେପ ଉପରେ ଆଇନାନୁମୋଦିତ ସମସ୍ତ ପ୍ରତିକାର-ମାର୍ଗ ;

(g) ଧାରା (4) ଅନୁଯାୟୀ ବିଭିନ୍ନ ଧରଣର ରେକର୍ଡକୁ ସ୍ୱେଚ୍ଛାକୃତ ପ୍ରକଟନ କରିବା ସମ୍ବନ୍ଧରେ ଥିବା ପ୍ରାବ୍‌ଧାନଗୁଡ଼ିକ;

(h) ସୂଚନା ହାସଲ ପାଇଁ ଆବେଦନ ପରିପ୍ରେକ୍ଷିରେ ପ୍ରଦେୟ ଫିସ୍ ସମ୍ବନ୍ଧରେ ଜ୍ଞାପନ (ନୋଟିସ୍ );

(i) ଏହି ଆଇନ୍ ଅନୁସାରେ ସୂଚନା ହାସଲ କରିବା ବ୍ୟାପାରରେ ପ୍ରସ୍ତୁତ ହୋଇଥିବା ବା ଜାରି କରାଯାଇଥିବା କୌଣସି ଅତିରିକ୍ତ ବିନିୟମ(ରେଗୁଲେସନ୍) ବା ପରିପତ୍ର (ସର୍କୁଲାର୍) ।

(4) ଆବଶ୍ୟକ ପଡିଲେ ସମୁଚିତ ସରକାର ନିଶ୍ଚିତ ରୂପେ ଏହି ମାର୍ଗଦର୍ଶୀକାକୁ ନିୟମିତ ଅନ୍ତରାଳରେ ସଦ୍ୟୀକରଣ ଏବଂ ପ୍ରକାଶନ କରିବେ ।

**27. ନିୟମାବଳୀ ପ୍ରଣୟନ ପାଇଁ ସମୁଚିତ ସରକାରଙ୍କ କ୍ଷମତା–**

(1) ଏହି ଆଇନ୍‌ର ପ୍ରାବ୍‌ଧାନଗୁଡ଼ିକୁ କାର୍ଯ୍ୟକାରୀ କରେଇବା ଉଦ୍ଦେଶ୍ୟରେ ସମୁଚିତ ସରକାର ସରକାରୀ ଗେଜେଟ୍‌ରେ ବିଜ୍ଞପ୍ତି ପୂର୍ବକ ନିୟମାବଳୀ ପ୍ରଣୟନ କରିପାରନ୍ତି ।

(2) ପୂର୍ବ ସୂଚିତ କ୍ଷମତାର ବ୍ୟାପକତାକୁ କ୍ଷୁର୍ଣ୍ଣ ନକରି, ଏହି ନିୟମାବଳୀ ନିମ୍ନୋକ୍ତ ସମସ୍ତ ବିଷୟ ବା ସେଥିମଧ୍ୟରୁ କୌଣସି ବିଷୟ ପାଇଁ ସବିଶେଷ ରୂପେ ନିୟମାବଳୀ ପ୍ରଣୟନ କରିପାରନ୍ତି, ଯଥା :

(a) ଧାରା (4) ଅଧୀନସ୍ଥ ଉପଧାରା (4) ଅନୁଯାୟୀ ପ୍ରସାରିତ ହେବାକୁ ଥିବା ମାଧ୍ୟମ (ମିଡିୟମ୍)ର ଦାମ୍ ବା ସଂପୃକ୍ତ ସାମଗ୍ରୀର ଛପା ଦାମ୍;

(b) ଧାରା (6) ଅନ୍ତର୍ଗତ ଉପଧାରା (1) ଅନୁଯାୟୀ ପ୍ରଦେୟ ଫିସ୍ ;

(c) ଧାରା (7) ଅନ୍ତର୍ଗତ ଉପଧାରା (1) ଓ (5) ଅନୁଯାୟୀ ପ୍ରଦେୟ ଫିସ୍ ;

(d) ଧାରା 13 ଅନ୍ତର୍ଗତ ଉପଧାରା (6) ଏବଂ ଧାରା 16 ଅନ୍ତର୍ଗତ ଉପଧାରା (6) ଅନୁଯାୟୀ ଅଧିକାରୀ ଓ କର୍ମଚାରୀମାନଙ୍କର ବେତନ ଓ ଭତ୍ତା ତଥା ସେବା-ସଂକ୍ରାନ୍ତୀୟ ନିବନ୍ଧନ ଓ ସର୍ତ୍ତାବଳୀ ;

(e) ଧାରା 19 ଅନ୍ତର୍ଗତ ଉପଧାରା (10) ଅନୁଯାୟୀ ଅପିଲ୍‌ଗୁଡିକର ଫଇସଲା କ୍ଷେତ୍ରରେ ଯଥାସ୍ଥିତି କେନ୍ଦ୍ରୀୟ ସୂଚନା କମିଶନ୍ ବା ରାଜ୍ୟ ସୂଚନା କମିଶନ୍‌ଙ୍କ ଦ୍ୱାରା ଅବଲମ୍ବିତ ହେବାକୁ ଥିବା କାର୍ଯ୍ୟବିଧି ; ଏବଂ

(f) ଅନ୍ୟ କୌଣସି ବିଷୟ, ଯାହା ସମ୍ବନ୍ଧରେ ବିହିତ କରିବାର ଆବଶ୍ୟକ ପଡିବ ବା ବିହିତ କରାଯାଇପାରେ ।

**28. ନିୟମାବଳୀ ପ୍ରଣୟନ କରିବାରେ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ କ୍ଷମତା-**

(1) ଏହି ଆଇନ୍‌ର ପ୍ରାବ୍‌ଧାନଗୁଡିକୁ କାର୍ଯ୍ୟକାରୀ କରେଇବା ଉଦ୍ଦେଶ୍ୟରେ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ସରକାରୀ ଗେଜେଟ୍‌ରେ ବିଜ୍ଞପ୍ତି ପୂର୍ବକ ନିୟମାବଳୀ ପ୍ରଣୟନ କରିପାରନ୍ତି ।

(2) ପୂର୍ବଗାମୀ କ୍ଷମତାର ବ୍ୟାପକତାକୁ କ୍ଷୁର୍ଣ୍ଣ ନକରି, ଏହି ନିୟମାବଳୀ ନିମ୍ନୋକ୍ତ ସମସ୍ତ ବିଷୟ ବା ସେଥିମଧ୍ୟରୁ କୌଣସି ବିଷୟ ପାଇଁ ସବିଶେଷ ଭାବେ ପ୍ରାବ୍‌ଧାନ କରିପାରେ, ଯଥା:-

(i) ଧାରା (4) ଅଧୀନସ୍ଥ ଉପଧାରା (4) ଅନୁଯାୟୀ ପ୍ରସାରିତ ହେବାକୁ ଥିବା ମାଧ୍ୟମ (ମିଡିୟମ୍)ର ଦାମ୍ ବା ସଂପୃକ୍ତ ସାମଗ୍ରୀର ଛପା ଦାମ୍;

(ii) ଧାରା (6) ଅନ୍ତର୍ଗତ ଉପଧାରା (1) ଅନୁଯାୟୀ ପ୍ରଦେୟ ଫିସ୍ ;

(iii) ଧାରା (7) ଅନ୍ତର୍ଗତ ଉପଧାରା (1) ଅନୁଯାୟୀ ପ୍ରଦେୟ ଫିସ୍ ; ଏବଂ

(iv) ଅନ୍ୟ କୌଣସି ବିଷୟ, ଯାହାକୁ ବିହିତ କରିବାର ଆବଶ୍ୟକ ପଡିବ ବା ବିହିତ କରାଯାଇ ପାରେ ।

**29. ନିୟମାବଳୀର ଉପସ୍ଥାପନ-**

(1) ଏହି ଆଇନ୍ ଅଧୀନରେ କେନ୍ଦ୍ର ସରକାରଙ୍କ ପ୍ରଣୀତ ପ୍ରତି ନିୟମ, ପ୍ରଣୟନ ପରେ ଯଥାଶୀଘ୍ର ସଂସଦର ପ୍ରତି ଗୃହରେ, ଯେତେବେଳେ କି ଏହାର ଅଧିବେଶନ ମୋଟ ଉପରେ ଏପରି ତିରିଶ ଦିନ ପାଇଁ ବସୁଥିବ, ଯାହାକି ଗୋଟିଏ ବା ଦୁଇଟି ବା ତତୋଧିକ ଅନୁକ୍ରମିକ ଅଧିବେଶନରେ ବ୍ୟାପ୍ତ ହୋଇଥାଇପାରେ, ଉପସ୍ଥାପନ କରାଯିବ, ଏବଂ ଯଦି ସେହି ଅଧିବେଶନ ବା ପୂର୍ବୋକ୍ତ ଅନୁକ୍ରମିକ ଅଧିବେଶନର ଠିକ୍ ପରେ ଅନୁଷ୍ଠିତ ଅଧିବେଶନ ଶେଷ ହେବା ପୂର୍ବରୁ ଦୁଇ ଗୃହ ଏହି ନିୟମରେ କୌଣସି ସଂଶୋଧନ ପାଇଁ ସହମତ ହୁଅନ୍ତି, ବା ଦୁଇ ଗୃହ ସହମତ ହୁଅନ୍ତି ଯେ ଏପରି ନିୟମ-ପ୍ରଣୟନ ଆବଶ୍ୟକ ନାହିଁ, ତେବେ ତତ୍‌ପଶ୍ଚାତ୍ ସେହି ନିୟମ ଯଥାସ୍ଥିତି କେବଳ ସେହି ସଂଶୋଧିତ ରୂପରେ ପ୍ରଭାବ ବହନ କରିବ, ଅଥବା ମୋଟେ ପ୍ରଭାବ ବହନ କରିବ ନାହିଁ; କିନ୍ତୁ ଏପରି କୌଣସି ସଂଶୋଧନ ବା ପ୍ରତ୍ୟାଖ୍ୟାନ ଫଳରେ ସେହି ନିୟମ ଅଧୀନରେ ପୂର୍ବକୃତ କୌଣସି କାର୍ଯ୍ୟର ବିଧିମନ୍ୟତା ଉପରେ କୌଣସି ପ୍ରତିକୂଳ ପ୍ରଭାବ ପଡିବନି ।

(2) ଏହି ଆଇନ୍ ଅଧୀନରେ ରାଜ୍ୟ ସରକାରଙ୍କ ପ୍ରଣୀତ ପ୍ରତି ନିୟମ, ବିଜ୍ଞପ୍ତି ପରେପରେ ଯଥାଶୀଘ୍ର ରାଜ୍ୟ ଆଇନ୍-ସଭାରେ ଉପସ୍ଥାପିତ ହେବ ।

**30. ଅସୁବିଧା ଦୂରୀକରଣ ପାଇଁ କ୍ଷମତା-**

(1) ଯଦି ଏହି ଆଇନ୍ ଅଧୀନସ୍ଥ ପ୍ରାବ୍‌ଧାନଗୁଡିକୁ ଫଳପ୍ରଦ ରୂପଦେବା କ୍ଷେତ୍ରରେ କିଛି ଅସୁବିଧା ଉପ୍ନନ୍ନ ହୁଏ, ତେବେ କେନ୍ଦ୍ର ସରକାର ସରକାରୀ ଗେଜେଟ୍‌ରେ ନିଜ ଆଦେଶର ବିଜ୍ଞପ୍ତି ପୂର୍ବକ ଏତାଦୃଶ ପ୍ରାବ୍‌ଧାନ ଗ୍ରହଣ କରିପାରନ୍ତି, ଯେଉଁଗୁଡିକ ଏହି ଆଇନ୍ ଅଧୀନସ୍ଥ ବିଭିନ୍ନ ପ୍ରାବ୍‌ଧାନଗୁଡିକ ସହ ଅସଂଗତ ନୁହେଁ ଏବଂ ଯେଉଁ ଗୁଡିକ ଅସୁବିଧା-ଦୂରୀକରଣ ପାଇଁ ଆବଶ୍ୟକ ବା ସମୀଚୀନ ମନେ ହୋଇପାରେ ।

ପରନ୍ତୁ, ଏହି ଆଇନ୍ ଲାଗୁ ହେବା ତାରିଖରୁ ୨ବର୍ଷ ସମୟ ଅତିବାହିତ ହେଲାପରେ ଏପରି କୌଣସି ଆଦେଶ ଦିଆଯାଇ ପାରିବ ନାହିଁ ।

(2) ଏହି ଧାରା ଅଧୀନରେ ପ୍ରତି ଆଦେଶ ପ୍ରସ୍ତୁତ ହେବା ପରେପରେ ଯଥାଶୀଘ୍ର ସଂସଦର ପ୍ରତି ଗୃହରେ ଉପସ୍ଥାପନ କରାଯିବ ।

**31.** ପ୍ରତ୍ୟାହାର ଏତଦ୍ୱାରା ସୂଚନାର ସ୍ୱାଧୀନତା ଆଇନ୍ – 2002 କୁ ପ୍ରତ୍ୟାହାର କରାଗଲା ।

## ପ୍ରଥମ ସରଣୀ [ ଧାରା 13(3) ଏବଂ 16(3) ଦ୍ରଷ୍ଟବ୍ୟ ]

## ମୁଖ୍ୟ ସୂଚନା କମିଶନର୍ , ସୂଚନା କମିଶନର୍ ବା ରାଜ୍ୟ ମୁଖ୍ୟ ସୂଚନା କମିଶନର୍ ବା ରାଜ୍ୟ ସୂଚନା କମିଶନରଙ୍କ ଦ୍ୱାରା ଗ୍ରହଣ କରିବାକୁ ଥିବା ଶପଥ ଫର୍ମ

"ମୁଁ, ............................ ମୁଖ୍ୟ ସୂଚନା କମିଶନର୍ / ସୂଚନା କମିଶନର୍ / ରାଜ୍ୟ ମୁଖ୍ୟ ସୂଚନା କମିଶନର୍ / ରାଜ୍ୟ ସୂଚନା କମିଶନର୍ ରୂପେ ନିଯୁକ୍ତ ହେଲା ପରେ ଇଶ୍ୱରଙ୍କ ନାମରେ / ସତ୍ୟନିଷ୍ଠାର ସହ ଶପଥ ନେଉଛି ଯେ, ବିଧିପୂର୍ବକ ସ୍ଥାପିତ ଭାରତର ସଂବିଧାନ ପ୍ରତି ଅକପଟ ବିଶ୍ୱାସ ଏବଂ ଆନୁଗତ୍ୟ ବହନ କରିବି, ମୁଁ ଭାରତର ସାର୍ବଭୌମତ୍ୱ ଓ ଅଖଣ୍ଡତାକୁ ଊର୍ଦ୍ଧ୍ୱରେ ଟେକି ଧରିବି, ଏବଂ ଯଥୋଚିତ ଏବଂ ବିଶ୍ୱସ୍ତ ଢଙ୍ଗରେ ତଥା ନିଜର ପୁରା ଦକ୍ଷତା, ଜ୍ଞାନ ଏବଂ ବିଚାରବୋଧ ସହିତ, ଭୟ ବା ପକ୍ଷପାତ, ଅନୁରାଗ ବା ବିଦ୍ୱେଷ ବିନା ନିଜ ପଦବୀ ଉପରେ ନ୍ୟସ୍ତ କର୍ତ୍ତବ୍ୟକୁ ପାଳନ କରିବି ଏବଂ ମୁଁ ସଂବିଧାନ ଏବଂ ଆଇନ୍‌ଗୁଡ଼ିକର ମର୍ଯ୍ୟାଦା ବଜାୟ ରଖିବି ।"

## ଦ୍ୱିତୀୟ ସରଣୀ (ଦ୍ରଷ୍ଟବ୍ୟ ଧାରା 24)

### କେନ୍ଦ୍ରୀୟ ସରକାରଙ୍କ ଦ୍ୱାରା ସ୍ଥାପିତ ଗୁଇନ୍ଦା ଏବଂ ସୁରକ୍ଷା ସଂଗଠନସମୂହ

1. ଗୁଇନ୍ଦା ବ୍ୟୁରୋ
2. କ୍ୟାବିନେଟ୍ ସଚ୍ଚିବାଳୟର ଗବେଷଣା ଓ ବିଶ୍ଲେଷଣ ଅଙ୍ଗ
3. ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ
4. କେନ୍ଦ୍ରୀୟ ଆର୍ଥିକ ଗୁଇନ୍ଦା ବ୍ୟୁରୋ
5. ବଳବତ୍‌କରଣ ନିର୍ଦ୍ଦେଶାଳୟ
6. ନିଶା-କାରବାର ନିୟନ୍ତ୍ରଣ ବ୍ୟୁରୋ
7. ବୈମାନିକ ଗବେଷଣା କେନ୍ଦ୍ର
8. ସ୍ୱତନ୍ତ୍ର ସୀମାନ୍ତ ବଳ
9. ସୀମା ସୁରକ୍ଷା ବଳ
10. କେନ୍ଦ୍ରୀୟ ରିଜର୍ଭ ପୋଲିସ୍ ଫୋର୍ସ
11. ଭାରତ ତିବ୍‌ବତ ସୀମା ବଳ
12. କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ
13. ରାଷ୍ଟ୍ରୀୟ ସୁରକ୍ଷା ଗାର୍ଡ
14. ଆସାମ ରାଇଫଲ୍
15. ସଶସ୍ତ୍ର ସୀମା ବଳ *
16. ସ୍ପେଶିଆଲ୍ ବ୍ରାଞ୍ଚ ( ସି.ଆଇ.ଡି.), ଆଣ୍ଡାମାନ ଏବଂ ନିକୋବର
17. କ୍ରାଇମ୍ ବ୍ରାଞ୍ଚ, ସି.ଆଇ.ଡି.-ସି.ବି., ଦାଦ୍ରା ଓ ନଗର ହାବେଳି
18. ସ୍ପେଶିଆଲ୍ ବ୍ରାଞ୍ଚ, ଲାକ୍ଷାଦ୍ୱୀପ ପୋଲିସ
19. ସ୍ୱତନ୍ତ୍ର ସୁରକ୍ଷା ବାହିନୀ **
20. ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡି.ଆର୍.ଡି.ଓ.) **
21. ସୀମା ସଡକ ଉନ୍ନୟନ ପରିଷଦ**
22. ଆର୍ଥିକ ଗୁଇନ୍ଦା ଶାଖା, ଇଣ୍ଡିଆ **

---

***ଜି.ଏସ୍.ଆର୍. ୩୪୭ ତା ୨୮.୯.୨୦୦୫ ଦ୍ୱାରା ପ୍ରତିସ୍ଥାପିତ, **ଜି.ଏସ୍.ଆର୍. ୩୪୭ ତା ୨୮.୯.୨୦୦୫ ଦ୍ୱାରା ଅନ୍ତଃସ୍ଥାପିତ**

## ଉଦ୍ଦେଶ୍ୟ ଓ ଯଥାର୍ଥତା ସମ୍ବନ୍ଧୀୟ ବୟାନ (Statement of Objects and Reasons)

ସୂଚନା ପ୍ରାପ୍ତିକୁ ଅଧିକ ବ୍ୟାପକ ଓ ପ୍ରଭାବଶାଳୀ କରିବା ଉଦ୍ଦେଶ୍ୟରେ ସରକାର ସଂକଳ୍ପ କଲେ ଯେ, ସଂସଦ ଦ୍ୱାରା ଗୃହୀତ ହୋଇଥିବା ସୂଚନାର ସ୍ୱାଧୀନତା ଆଇନ୍ ୨୦୦୨କୁ ଅଧିକ ପ୍ରଗତିଶୀଳ, ଭାଗିଦାରିତା-ଭିତ୍ତିକ ଓ ସାର୍ଥକ କରାଯିବା ଦରକାର । ସୂଚନା ପ୍ରାପ୍ତିର ପ୍ରକ୍ରିୟାକୁ ଅଧିକ ସୁଗମ ଓ ବ୍ୟାପକ କରିବା ଲକ୍ଷ୍ୟ ନେଇ ଜାତୀୟ ଉପଦେଷ୍ଟା ପରିଷଦ ଏହି ପ୍ରସଙ୍ଗ ଉପରେ ବିଚାର ବିମର୍ଷ ଚଳାଇବା ପରେ ଉପସ୍ଥିତ ଆଇନ୍‌ରେ କେତେକ ନିର୍ଦ୍ଦିଷ୍ଟ, ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିବା ପାଇଁ ପରାମର୍ଶ ଦେଇଥିଲେ । ପରିଷଦ ଓ ଅନ୍ୟମାନଙ୍କର ପ୍ରଦତ୍ତ ପରାମର୍ଶଗୁଡ଼ିକୁ ଅନୁଧ୍ୟାନ କଲାପରେ ସରକାର ବର୍ତ୍ତମାନର ଆଇନ୍‌ରେ କେତେକ ସଂସ୍କାର ଆଣିବାକୁ ନିଷ୍ପତ୍ତି ନେଲେ ।

ଯେଉଁସବୁ ଗୁରୁତ୍ୱପୂର୍ଣ୍ଣ ସଂଶୋଧନକୁ ଆଇନ୍‌ରେ ସ୍ଥାନ ଦିଆଯିବ ବୋଲି ପ୍ରସ୍ତାବ ଦିଆଯାଇଛି, ସେଗୁଡ଼ିକ ମଧ୍ୟରେ ଅଛି, ଜନସୂଚନା ଅଧିକାରୀମାନଙ୍କ ଦ୍ୱାରା ନିଆଯାଉଥିବା ନିଷ୍ପତ୍ତିଗୁଡ଼ିକର ସମୀକ୍ଷା ପାଇଁ ଯାଞ୍ଚ କ୍ଷମତା ଥିବା ଏକ ଅପିଲ୍ କର୍ତ୍ତୃପକ୍ଷର ପ୍ରତିଷ୍ଠା; ଆଇନ୍ ଅନୁଯାୟୀ ସୂଚନା ପ୍ରଦାନ କରିବାରେ ବ୍ୟର୍ଥତା ପାଇଁ ଦଣ୍ଡବ୍ୟବସ୍ଥା; ସାମ୍ବିଧାନିକ ବିଧିବିଧାନ ସହ ସଂଗତିରକ୍ଷା ପୂର୍ବକ ସର୍ବାଧିକ ମାତ୍ରାର ତଥ୍ୟକୁ ପ୍ରକଟନ କରିବା ଓ ଯଥାନ୍ୟୂନ ତଥ୍ୟକୁ ଗୋପନୀୟ ରଖିବାର ବ୍ୟବସ୍ଥା; ଏବଂ ସୂଚନାପ୍ରାପ୍ତି ପାଇଁ ଓ କର୍ତ୍ତୃପକ୍ଷମାନଙ୍କ ଦ୍ୱାରା ସୂଚନା-ପ୍ରକଟନ ପାଇଁ ବଳିଷ୍ଠ ବ୍ୟବସ୍ଥା ଇତ୍ୟାଦି । ପ୍ରଚଳିତ ଆଇନ୍‌ରେ କେତେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ପାଇଁ ପ୍ରସ୍ତାବ ନିଆଯାଇଥିବାରୁ ସରକାର ମଧ୍ୟ ସୂଚନାର ସ୍ୱାଧୀନତା ଆଇନ୍-୨୦୦୨କୁ ପ୍ରତ୍ୟାହାର କରିନେବାକୁ ନିଷ୍ପତ୍ତି ନେଇଛନ୍ତି। ଭାରତର ସମ୍ବିଧାନର ଧାରା ୧୯ ଅଧୀନରେ ସ୍ୱୀକୃତ ହୋଇଥିବା ସୂଚନାର ଅଧିକାରକୁ ବାସ୍ତବାୟିତ କରିବାପାଇଁ ଆବଶ୍ୟକ ହେଉଥିବା ଏକ ବଳିଷ୍ଠ ସାଂଗଠନିକ ଢାଞ୍ଚାକୁ ପ୍ରସ୍ତାବିତ ଆଇନ୍ ଦ୍ୱାରା ରୂପାୟନ କରିହେବ ।

ଏହି ବିଧେୟକଟି ଉପରୋକ୍ତ ଉଦ୍ଦେଶ୍ୟଗୁଡ଼ିକୁ ପୂରଣ କରିବାପାଇଁ ଉଦ୍ଦିଷ୍ଟ ।

*[ଅନୁବାଦକ - ଚିତ୍ତ ବେହେରା, ଏ-୪, ଜୁବୁଲି ଟାୱାର, ଚୌଧୁରୀ ବଜାର, କଟକ-୯, ଫୋନ୍-୦୬୭୧-୨୩୦୮୫୧୮ (ଘର),୯୪୩୭୫୬୭୫୪୬/ ୯୮୬୧୦୯୧୪୫୫, ଇମେଲ୍- chittabehera1@yahoo.co.in REVISED ON 24th Sept. 2007]*